ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୧୮
୧୫ ଡିସେମ୍ବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 218
15th December, 2025 Monday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**କିଂ କୁଳେନ ବିଶାଳେନ ବିଦ୍ୟାହୀନସ୍ୟ ଦେହିନଃ**
**ଅକୁଳୀନୋପି ବିଦ୍ୟାବାନ୍ ଦେବୈରପି ସ ପୂଜ୍ୟତେ ।**

ଅତି ବିସ୍ତୀର୍ଣ୍ଣ ଓ ଉଚ୍ଚବଂଶରେ ଜାତ ବ୍ୟକ୍ତି ବିଦ୍ୟାହୀନ ହେଲେ ପୂଜା ପାଏ ନାହିଁ, କିନ୍ତୁ ନୀଚକୁଳଜାତ ବ୍ୟକ୍ତି ବିଦ୍ୱାନ ହୋଇଥିଲେ ଦେବତାମାନେ ମଧ୍ୟ ତାକୁ ପୂଜା କରନ୍ତି ।

## ଉପାଦେୟ

**... ବାଜିଗଲେ ଦୋଷ ନାହିଁ**

**ତୀବ୍ର ଶତ୍ରୁତା: ମୂଳମନ୍ତ୍ର କିନ୍ତୁ ସନ୍ଧି**

# ଏସ୍‌ଆଇଆର୍ ବିରୋଧରେ କଂଗ୍ରେସର ମହା ରାଲି

## ସତ୍ୟ ଓ କ୍ଷମତା ମଧ୍ୟରେ ଲଢ଼େଇ ଚାଲିବ

**ନୂଆଦିଲ୍ଲୀ,୧୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଦିଲ୍ଲୀରେ କଂଗ୍ରେସର ରଣହୁଙ୍କାର। ରାମଲୀଳା ମୈଦାନରେ ବିଶାଳ ରାଲି କରିଛି କଂଗ୍ରେସ। ଏଥିରେ ଶହ ଶହ ନେତାକର୍ମୀ ସାମିଲ ହୋଇଛନ୍ତି। କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ସାମିଲ ହୋଇଛନ୍ତି। ସ୍ୱତନ୍ତ୍ର ଭୋଟ ସଂଶୋଧନ ଓ ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସର ଏହି ମହାରାଲି ଆୟୋଜିତ ହୋଇଛି। ସରକାର ଏବଂ ନିର୍ବାଚନ କମିଶନଙ୍କ ଏକାଠି ହୋଇଥିବାର ଅଭିଯୋଗ ଆଣି ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ। ୫୫ ଲକ୍ଷ ହସ୍ତଖତ ହୋଇଥିବା ଏକ ସ୍ମାରକୀପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ। ଏହି ଆନ୍ଦୋଳନ ଗଣତନ୍ତ୍ର ଏବଂ ନିରପେକ୍ଷ ନିର୍ବାଚନକୁ ସୁରକ୍ଷା ଦେବା ପାଇଁ ହୋଇଥିବା କହିଛନ୍ତି କଂଗ୍ରେସ ମହାସଚିବ କେ.ସି ବେଣୁଗୋପାଳ।

ରାଲିରେ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ସତ୍ୟ ଓ କ୍ଷମତା ମଧ୍ୟରେ ଲଢେଇ ଚାଲିବ। ସତ୍ୟ ମାଧ୍ୟମରେ ମୋଦୀ ଓ ଶାହାଙ୍କୁ କ୍ଷମତାରୁ ହଟାଇବୁ। ସେ କହିଥିଲେ ଯେ ସତ୍ୟ ଏବଂ କ୍ଷମତା ମଧ୍ୟରେ ଯୁଦ୍ଧ ଚାଲିଛି। ଗାନ୍ଧୀଜୀ କହିଥିଲେ ଯେ ସତ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତଥାପି, ଆରଏସଏସ ବିଶ୍ୱାସ କରେ ଯେ ସତ୍ୟ ନୁହେଁ, ଶକ୍ତି ହିଁ ଗୁରୁତ୍ୱପୂର୍ଣ୍ଣ। ରାହୁଲ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମୋହନ ଭାଗବତଙ୍କ ଦ୍ୱାରା ଦିଆଯାଇଥିବା ଏକ ବକ୍ତବ୍ୟକୁ ଉଦ୍ଧୃତ କରିଥିଲେ। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମୋହନ ଭାଗବତ କହିଥିଲେ, 'ବିଶ୍ୱ ସତ୍ୟକୁ ନୁହେଁ, ଶକ୍ତିକୁ ଦେଖେ। ଯାହାର ପାଖରେ ଶକ୍ତି ଅଛି ସେ ସମ୍ମାନ ପାଏ।' ରାହୁଲ କହିଥିଲେ ଯେ ଏହା ମୋହନ ଭାଗବତଙ୍କ



ଚିନ୍ତାଧାରା। ଏହା ଆରଏସଏସର ବିଚାରଧାରା। ବିଶ୍ୱର ପ୍ରତ୍ୟେକ ଧର୍ମ ବିଶ୍ୱାସ କରେ ଯେ ସତ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଭାଗବତ କୁହନ୍ତି ଯେ ସତ୍ୟ ଆବଶ୍ୟକ ନୁହେଁ; ଶକ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ରାହୁଲ ଗାନ୍ଧୀ କହିଛନ୍ତି ଯେ ଆମର ଧର୍ମ କହେ 'ସତ୍ୟମ ଶିବମ ସୁନ୍ଦରମ', *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାଲାଟ୍‌ରେ ନିର୍ବାଚନ ଲଢ଼ିବାକୁ ବିଜେପିକୁ ଆହ୍ୱାନ

**ନୂଆଦିଲ୍ଲୀ,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀର ରାମଲୀଳା ମଇଦାନରୁ ବିଜେପିକୁ ବଡ଼ ଆହ୍ୱାନ ଦେଇଛନ୍ତି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା। ସେ କହିଛନ୍ତି, ମୁଁ ବିଜେପିକୁ ବାଲାଟ୍ ପେପର ବ୍ୟବହାର କରି ନିରପେକ୍ଷ ନିର୍ବାଚନ ଲଢ଼ିବାକୁ ଚ୍ୟାଲେଞ୍ଜ କରୁଛି। ସେମାନେ କେବେ ଜିତିପାରିବେ ନାହିଁ ଏବଂ ବିଜେପି ଏହା ଜାଣେ। ଭୋଟ ଚୋରି ପ୍ରତିବାଦରେ ଦିଲ୍ଲୀର ରାମଲୀଳା ମଇଦାନରେ ଆୟୋଜିତ କଂଗ୍ରେସ ରାଲିରେ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହା କହିଛନ୍ତି। ସେ ସିଧାସଳଖ ବିଜେପିକୁ ବାଲାଟ୍ ପେପର ବ୍ୟବହାର କରି ନିର୍ବାଚନ ଲଢ଼ିବାକୁ ଚ୍ୟାଲେଞ୍ଜ କରିଛନ୍ତି।

ଆଜି ଅନୁଷ୍ଠିତ ରାଲିରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭୋଟ ଚୋରି ପ୍ରସଙ୍ଗରେ ବିଜେପିକୁ କଡ଼ା ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, 'ମୁଁ ବିଜେପିକୁ ଏକ ନିରପେକ୍ଷ ନିର୍ବାଚନ ଲଢ଼ିବାକୁ, ବାଲାଟ୍ ପେପର ବ୍ୟବହାର କରିବାକୁ ଚ୍ୟାଲେଞ୍ଜ କରୁଛି। ଦଳ ନିଜେ ଜାଣେ ଯେ, କେବେ ନିର୍ବାଚନ ଜିତିପାରିବ



ନାହିଁ।' ପ୍ରିୟଙ୍କା କହିଛନ୍ତି, ଯେତେବେଳେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ ଏବଂ ସାଂସଦ ରାହୁଲ ଗାନ୍ଧୀ ସଂସଦରେ ଏସ୍‌ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗ ଉଠାଇଥିଲେ, ସେତେବେଳେ ମୋଦୀ ସରକାର ମାନିଲେ ନାହିଁ। ସରକାର ପ୍ରଥମେ ବନ୍ଦେ ମାତରମ୍ ଏବଂ ତା'ପରେ ଏସ୍‌ଆଇଆର୍ ଓ ଭୋଟ ଚୋରି ଉପରେ ଆଲୋଚନା କରିବେ ବୋଲି କହିଥିଲେ। ଗୃହରେ ବନ୍ଦେ ମାତରମ୍ ଉପରେ ଆଲୋଚନା କଲେ। କିନ୍ତୁ ମୋଦୀ ସରକାରଙ୍କ ପାଖରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାର ସାହସ ନାହିଁ।

ପ୍ରିୟଙ୍କା ଗାନ୍ଧୀ ନିର୍ବାଚନ କମିଶନ ଏବଂ ବିଜେପି ଉପରେ ମଧ୍ୟ ଆରୋପ ଲଗାଇଛନ୍ତି। ସେ କହିଛନ୍ତି ଯେ, ଆଜି ବିଜେପିକୁ ନିର୍ବାଚନ କମିଶନର ଆବଶ୍ୟକତା ଅଛି। କାରଣ ଏହା ବିନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ଜିତିପାରିବେ ନାହିଁ। ଆମେ ତିନି ଜଣ ନିର୍ବାଚନ କମିଶନ ଅଧିକାରୀଙ୍କ ନାମ ଭୁଲିବା ଉଚିତ୍ ନୁହେଁ, କାରଣ ଏହି ଲୋକମାନେ ଗଣତନ୍ତ୍ର ଉପରେ ଆକ୍ରମଣ କରୁଛନ୍ତି। ଇତିହାସରେ ପ୍ରଥମ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦିନକରେ ଚାଲିଗଲା ୩ ଚାଷୀଙ୍କ ଜୀବନ

**ଭୁବନେଶ୍ୱର,୧୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଏମିତି ବି ଆସେ ମୃତ୍ୟୁ। ଯେଉଁ ମାଟିରେ ଝାଳ ନିଗାଡି ଜୀବିକା ଅର୍ଜନ କରୁଥିଲେ ଚାଷୀ, ସେଇ ମାଟିରେ ଛଟପଟ ହୋଇ ଚାଲିଗଲା ଜୀବନ। ଗୋଟିଏ ଦିନରେ ରାଜ୍ୟର ୩ଟି ସ୍ଥାନରେ ଘଟିଛି ଚାଷୀ ମୃତ୍ୟୁ ଭଳି ଦୁଃଖଦ ଘଟଣା। ପୁରୀ ଜିଲ୍ଲା ପିପିଲିରେ ଧାନ ବିଲରେ ଜଳିଯାଇଛନ୍ତି ଚାଷୀ। ଏପଟେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାରେ ବିଦ୍ୟୁତ ଆଘାତରେ ଓ ବାଲେଶ୍ୱରରେ ଧାନକଟା ମେସିନରେ ପ୍ରାଣ ହରାଇଛନ୍ତି ଚାଷୀ।

ହୁତୁ ହୁତୁ ଜଳୁଥିଲା ପାଚିଲା ଧାନ ବିଲ। ଜମିରୁ ଜମିକୁ ମାଡୁଥିଲା ନିଆଁ। ଧାନ ବିଲରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇ ନିଜେ ଜଳିଗଲେ ଚାଷୀ। ପ୍ରାଣ ହରାଇଛନ୍ତି ପୁରୀ ଜିଲ୍ଲା ପିପିଲି ସୁନାମୁହିଁ ଗାଁର ଗଜେନ୍ଦ୍ର ସ୍ୱାଇଁ। ଲୋକମାନେ ପହଞ୍ଚିଲା ବେଳକୁ ବିଲ ମଝିରେ ପଡିଥିଲା ଚାଷୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ। ଏପଟେ ସୁନାମୁହିଁ ଗାଁରେ ଖେଳିଯାଇଛି ଶୋକର ଛାୟା। ପୁଲିସର ସୂଚନା ଅନୁସାରେ, ଗଜେନ୍ଦ୍ର ଧାନ ଅମଳ ପରେ ନିଜ ବିଲରେ ନିଆଁ ଲଗାଇଥିଲେ। ଏହା ପାଖ ଜମିକୁ ମାଡିଯିବାରୁ ତାକୁ ଲିଭାଇବାକୁ ଯାଇ ନିଜେ ଜଳିଯାଇଛନ୍ତି।

ସେହିପରି କୋବି କିଆରିରେ ପାଣି ମଡାଇବା ବେଳେ ଲିଫ୍ଟ ପଏଣ୍ଟରୁ କରେଣ୍ଟ ଲାଗି ପ୍ରାଣ ହରାଇଛନ୍ତି ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବାରିଲୋ ଗାଁର ସଫଳ ଚାଷୀ ବିଜୟ କୁମାର ଜେନା। ବିଲରେ ପାଣି ମଡାଇବା ବେଳେ କୌଣସି କାରଣରୁ ଲିଫ୍ଟ ପଏଣ୍ଟରେ କରେଣ୍ଟ ଚାର୍ଜ ହୋଇଯାଇଥିଲା। ବିଜୟଙ୍କ ଶରୀର କରେଣ୍ଟ ସଂସ୍ପର୍ଶରେ ଆସିଥିଲା। ଫସଲ କିଆରୀରେ ହିଁ ଟଳି ପଡ଼ିଥିଲେ ସେ। ସ୍ଥାନୀୟ ଜନୈକ ବ୍ୟକ୍ତି କୋବି କିଣିବାକୁ ଯିବା ବେଳେ ବିଜୟଙ୍କୁ ପଡ଼ିଥିବା ଅବସ୍ଥାରେ ଦେଖିଥିଲେ। କ୍ୟାପିଟାଲ ହସ୍ପିଟାଲକୁ ନେଇ ଯିବା ପରେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। କେବଳ ସଫଳ ତଥା ପୁରସ୍କୃତ ଚାଷୀ ନୁହଁନ୍ତି, ମଞ୍ଚରେ ଜଣେ ହାସ୍ୟ ଅଭିନେତା ଭାବେ ମଧ୍ୟ ସେ ଜଣାଶୁଣା ଥିଲେ।

ଅନ୍ୟପଟେ ବାଲେଶ୍ୱରରୁ ଆସିଛି ଆଉ ଏକ ଦୁଃଖଦ ଖବର। ଧାନ କଟା ଯାଉଥିବାବେଳେ ମେସିନରେ ପଶି ଜଣେ ଚାଷୀଙ୍କର ଯାଇଛି ଜୀବନ।

## ସିଡ୍‌ନୀରେ ଆତଙ୍କବାଦୀଙ୍କ ଗୁଳିମାଡ଼: ୧୦ ମୃତ

**ସିଡ୍‌ନୀ,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ଦିନ ଅଷ୍ଟ୍ରେଲିଆର ସବୁଠାରୁ ପ୍ରସିଦ୍ଧ ବେଳାଭୂମି ମଧ୍ୟରୁ ଗୋଟିଏ ସିଡନୀର ବଣ୍ଡି ବିଚ୍‌ରେ ଆତଙ୍କ ଖେଳିଯାଇଛି। ଅଷ୍ଟ୍ରେଲିଆର ସିଡନୀରେ ପହଲଗାମ ଭଳି ଘଟଣା ଘଟିଛି। ବଣ୍ଡି ବିଚ୍‌ରେ ଦୁଇ ଜଣ ବନ୍ଧୁକଧାରୀଙ୍କ ଗୁଳିମାଡରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କିଛି ଶିଶୁ ଥିବାବେଳେ ଆହତଙ୍କ ମଧ୍ୟରେ ଦୁଇ ଜଣ ପୁଲିସ ଅଧିକାରୀ ଅଛନ୍ତି।

ପୁଲିସ୍ ପାଲଟା ଗୁଳିମାଡରେ



ଦୁଇ ବନ୍ଧୁକଧାରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ସ୍ଥାନୀୟ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଘଟଣା ଘଟିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ନ୍ୟୁ ସାଉଥ୍ ୱେଲ୍ସ ପୁଲିସ କମିଶନର ମାଲ ଲାନୟୋନ ଏହି ଗୁଳିମାଡ ଘଟଣାକୁ 'ଆତଙ୍କବାଦୀ କାର୍ଯ୍ୟକଳାପ' ବୋଲି ଘୋଷଣା କରିଛନ୍ତି। ଏହା ସହିତ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ ପୂରା କଡା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଆଠ ଦିନ ଧରି ଚାଲିବାକୁ ଥିବା ଇହୁଦୀମାନଙ୍କର ହନୁକ୍କା (ଚାନୁକ୍କା) ପର୍ବ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ବଣ୍ଡି ବିଚ୍‌ରେ ଘଟିଛି ଏହି ଅଘଟଣ। ହନୁକ୍କା ପର୍ବର ପ୍ରଥମ ଦିନରେ ବଣ୍ଡି ବିଚ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୩ୟ ଟି-୨୦: ଦକ୍ଷିଣ ଆଫ୍ରିକାକୁ ୭ ୱିକେଟରେ ପରାସ୍ତ କଲା ଭାରତ

**ଧର୍ମଶାଳା,୧୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବୋଲରଙ୍କ ଦମଦାର ପ୍ରଦର୍ଶନ ବଳରେ ଭାରତ ଧର୍ମଶାଳାରେ ଖେଳାଯାଇଥିବା ଟି-୨୦ ମ୍ୟାଚକୁ ଭାରତ ୭ ୱିକେଟରେ ଜିତି ନେଇଛି। ସହଜ



ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ଦକ୍ଷିଣ ଆଫ୍ରିକା ଦ୍ୱାରା ଧାର୍ଯ୍ୟ ୧୧୮ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୫.୫ ଓଭରରେ ୩ ୱିକେଟ୍ ହରାଇ ହାସଲ କରିଛି। ଅଭିଷେକ ଶର୍ମା ସର୍ବାଧିକ ୩୫ ରନ କରିଥିବା ବେଳେ ତିଳକ ବର୍ମା ଅପରାଜିତ ୨୫ ରନ କରିଛନ୍ତି। ଦ. ଆଫ୍ରିକା ପକ୍ଷରୁ ଆଡନ ମାର୍କରାମ ୬୧ ରନ କରିଥିଲେ। ସିରିଜର ଚତୁର୍ଥ ମ୍ୟାଚ୍ ଡିସେମ୍ବର ୧୭ରେ ଲକ୍ଷ୍ମୌରେ ଖେଳାଯିବ। ୧୧୮ ରନର ସହଜ ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ଶୁଭମନ ଗିଲ୍ ଦମଦାର ଆରମ୍ଭ ଦେଇଥିଲେ। ବିଶେଷ କରି ଅଭିଷେକ ବିସ୍ଫୋରକ ବ୍ୟାଟିଂ କରିଥିଲେ। ୫.୨ ଓଭରରେ ଦୁଇ ବ୍ୟାଟର ୬୦ ରନ ଯୋଡି ଦଳର ବିଜୟ ନିଶ୍ଚିତ କରିଥିଲେ। ଅଭିଷେକ ୧୮ ବଲରୁ ୩ ଚୌକା ଓ ୩ ଛକା ସହ ୩୫ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଗିଲ୍ ଓ ତିଳକ ବର୍ମା ୩୨ ରନ ଯୋଡିଥିଲେ। ଫର୍ମ ଦେଇ ସଂଘର୍ଷ କରୁଥିବା ଗିଲ୍ ୨୮ ବଲରୁ ୨୮ ରନ କରିଥିଲେ। ସୂର୍ଯ୍ୟକୁମାର ଯାଦବ (୧୨ ରନ) ପୁଣି ନିରାଶ କରିଥିଲେ। ତିଳକ ବର୍ମା ୨୫ ରନ ଓ ଶିବମ ଦୁବେ ୧୦ ରନ ଅପରାଜିତ ରହି ଦଳକୁ ଜିତାଇଛନ୍ତି। ଭାରତ ୧୫.୫ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚକୁ ସହଜରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାତି ଅଧରେ କେନ୍ଦ୍ରାପଡ଼ା କଲେଜ ଜମି ଜବରଦଖଲ

**କେନ୍ଦ୍ରାପଡ଼ା,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା କଲେଜ ଜମିକୁ ଜବର ଦଖଲ କରିବା ପାଇଁ ଶନିବାର ବିଳମ୍ବିତ ରାତିରେ ଏକ ବିସ୍ଫୋରକ ଅବସ୍ଥା ସୃଷ୍ଟି ହୋଇଛି। ଭୀଷଣ ଶୀତରେ ସମସ୍ତେ ଘରେ ଥିବା ବେଳେ ୪/୫ଟି ହାଇୱା ଗାଡି ଓ ଏକ ଜେସିବି ମେସିନ ସାହାଯ୍ୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଖାଲ ଜମିରେ ବାଲି ଢାଳି ସମତୁଲ କରି ଦଖଲକୁ ନେବାର ଏକ ସୁଚିନ୍ତିତ ଚକ୍ରାନ୍ତକୁ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଫଳରେ ବର୍ତ୍ତମାନ ପାଇଁ ଫଳପ୍ରଦ ହୋଇପାରି ନାହିଁ। ଏହି ଖାଲ ଜମିଟି ହେଉଛି କଟକ-ଚାନ୍ଦବାଲି ରାସ୍ତାର ଉଦୟନଗର ଛକରୁ କଲେଜ ପରିସରକୁ ଯାଇଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଳସିଂ ମୌଜାର ପ୍ଲଟ। ଏହି ପ୍ଲଟକୁ କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ କେନ୍ଦ୍ରାପଡା ଟ୍ରଷ୍ଟି କମିଟି ପକ୍ଷରୁ ୧୯୫୮ ମସିହାରେ ଦିବଂଗତ ମହମ୍ମଦ ଫଜଲେ ରବି, ଦୀନବନ୍ଧୁ ସାହୁ ଓ ନିମାଇଁ ଚରଣ ଦାସଙ୍କ ନାମରେ କିଣାଯାଇଥିଲା। ହେଲେ ପରବର୍ତ୍ତୀ କାଳରେ ଦାଖଲ ଖାରଜକୁ ଚଞ୍ଚକତା କରି ଅନ୍ୟମାନେ ତାକୁ ବାରମ୍ବାର ଗଳାବାଟରେ ଦଖଲ କରିବାକୁ ଉଦ୍ୟମ କରିଆସିଛନ୍ତି। ଏହି କାରଣରୁ କଲେଜର ସତ୍ତ୍ୱ ନିର୍ଦ୍ଧାରଣ କରିବାକୁ ଏସମ୍ପର୍କିତ ଏକ ମାମଲା କେନ୍ଦ୍ରାପଡା ଚକବନ୍ଦୀ ଉପନିର୍ଦ୍ଦେଶକଙ୍କ କୋର୍ଟରେ ବିଚାରାଧିନ ଥିବା ବେଳେ ସେହି ନ୍ୟାୟିକ ପ୍ରକ୍ରିୟାକୁ ଏଡାଇଯାଇ ଏପରି ଜୋରଜୁଲମ କରି କଲେଜ ଜମିକୁ ଦଖଲ କରିବାର ଷଡଯନ୍ତ୍ରକୁ ନେଇ କଲେଜର ପୁରାତନ ଛାତ୍ରସଂସଦ ଉଦବେଗ ପ୍ରକାଶ କରିଛି। ଶନିବାର ପୁରାତନ ଛାତ୍ର ସଂସଦର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକରେ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ସମ୍ପାଦକ ଡ. ପ୍ରମୋଦ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ପ୍ରାକ୍ତନ ଅତିରିକ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି, ଅଧାପକ ଅଜୟ ସାମଲ, ଡ. ପ୍ରଦୀପ୍ତ କିଶୋର ଦାଶ, ଡ. ତ୍ରୈଲୋକ୍ୟନାଥ ସାମଲ, ଶିକ୍ଷ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ନୀତିନ ନବୀନ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ଜନତା ପାର୍ଟି ରବିବାର ନୀତିନ ନବୀନ ସିହ୍ନାଙ୍କୁ ଏହାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛି। ଦଳର ସଂସଦୀୟ ବୋର୍ଡ ତାଙ୍କୁ ଏହି ନିଯୁକ୍ତି ଦେଇଛି। ୪୫ ବର୍ଷୀୟ ନୀତିନ ନବୀନ ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରରେ ସଡକ ନିର୍ମାଣ ମନ୍ତ୍ରୀ ଅଛନ୍ତି। ବିହାରର ରାଜଧାନୀ ପାଟନାରେ ଜନ୍ମ ହୋଇଥିବା ନୀତିନ ନବୀନଙ୍କ ବାପାଙ୍କ



ନାଁ ନବୀନ କିଶୋର ପ୍ରସାଦ ସିହ୍ନା। ସେ ବି ବିଜେପିର ଜଣେ ନେତା ଥିଲେ। ସେ ବିଧାୟକ ମଧ୍ୟ ହୋଇଥିଲେ। ତାଙ୍କର ମୃତ୍ୟୁ ପରେ ନୀତିନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଲୋକଙ୍କୁ ଖୁସି କରିବାକୁ ଚାଲିଛି ଲୋକ ଦେଖାଣିଆ ବୟାନବାଜୀ

**ଭୁବନେଶ୍ୱର,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ଚାରିଆଡ଼େ ଚର୍ଚ୍ଚା। ଓଡ଼ିଶା ଭଳି ଗରିବ ରାଜ୍ୟର ଲୋକ ପ୍ରତିନିଧିମାନେ ନିଜେ ନିଜ ପାଇଁ ସର୍ବାଧିକ ଦରମା ଭତ୍ତା ବୃଦ୍ଧି କରିବା ଘଟଣା ଗ୍ରହଣୀୟ ହେଉନାହିଁ। ଲୋକଙ୍କ ପ୍ରତିକ୍ରିୟାକୁ ଦେଖି କିଏ ବର୍ଦ୍ଧିତ ଦରମା ଭତ୍ତା ନେବେ ନାହିଁ କହୁଛନ୍ତି ତ ଆଉ କିଏ ଏହି ଟଙ୍କାକୁ ଲୋକଙ୍କ ସେବାରେ ଲଗାଇବାକୁ ବୟାନବାଜି କରୁଛନ୍ତି। ଶନିବାର ଦିନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ଭତ୍ତା ନେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଥିବା ବେଳେ ରବିବାର ଦିନ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ତାଙ୍କୁ କଟାକ୍ଷ କରିଛନ୍ତି।

ବିଧାନସଭାରେ ଏହି ବିଲ ପାରିତ ହେଉଥିବା ବେଳେ କମ୍ୟୁନିଷ୍ଟ ପାର୍ଟିର ଏକମାତ୍ର ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ। ସରକାରଙ୍କ ପକ୍ଷରୁ ଆସିଥିବା ଦରମା-ଭତ୍ତା ବୃଦ୍ଧି ପ୍ରସ୍ତାବ ନିର୍ବିରୋଧରେ ପାରିତ ହୋଇଯାଇଥିଲା। ହଠାତ୍ ଲୋକଙ୍କ ଟିକସ ଟଙ୍କାରୁ ବିଧାୟକମାନଙ୍କର ଦରମା-ଭତ୍ତା ବହୁଗୁଣିତ ହେବା ଜାଣିବା ପରେ ବିଭିନ୍ନ ଅଞ୍ଚଳରେ ଲୋକ ପ୍ରତିକ୍ରିୟା ପ୍ରକାଶ କରିବା ସହ ସୋସିଆଲ୍ ମିଡିଆରେ ନେତାଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ବର୍ତ୍ତମାନ ଦରମା ବୃଦ୍ଧିକୁ ନେଇ ସରକାରୀ ଏବଂ ବିରୋଧୀ ବିଧାୟକ ଦ୍ୱନ୍ଦ୍ୱରେ ପଡିଥିବା ବେଳେ ଅନେକ ଏହି ବର୍ଦ୍ଧିତ ଦରମାକୁ ନନେବାକୁ ଏବଂ କିଛି ଏହାକୁ ଗରିବ ଲୋକଙ୍କୁ ଦାନ କରିବାକୁ କହିଛନ୍ତି। ଏହାରି ମଧ୍ୟରେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରତ୍ୟାଖ୍ୟାନ କରିବା ଚର୍ଚ୍ଚାର ବିଷୟ ହୋଇଛି। ବର୍ଦ୍ଧିତ



ଦରମା ଗ୍ରହଣ ନକରିବାକୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଭାଜପା ଓ କଂଗ୍ରେସ ଉଭୟ ତାଙ୍କ ଉପରେ ଜୋରଦାର ଆକ୍ରମଣ କରିଛନ୍ତି। ଉଭୟ ଦଳ ଅଭିଯୋଗ କରିଛନ୍ତି ଯେ ନବୀନ ପଟ୍ଟନାୟକ ଉପଯୁକ୍ତ ଫୋରମରେ ଆପତ୍ତି ଉଠାଇବା ପରିବର୍ତ୍ତେ ଏବେ 'ରାଜନୈତିକ ଡ୍ରାମା' କରୁଛନ୍ତି।

ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି ଯେ ୨୪ ବର୍ଷ ଧରି କ୍ଷମତାରେ ଥିବା ଜଣେ ବିତ୍ତଶାଳୀ ନେତା ଭାବେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏପରି ନିଷ୍ପତ୍ତି ନେଇ ପାରିଥାନ୍ତେ। ସେ ବିଜୁ ପଟ୍ଟନାୟକଙ୍କ ଏକ ଟଙ୍କା ଦରମା ପ୍ରଥାକୁ ମନେ ପକାଇ ପ୍ରଶ୍ନ କରିଛନ୍ତି, "ଏହା କେବଳ ଏକ ଡ୍ରାମା ଓ ରାଜନୈତିକ ନାଟକ।" ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମଧ୍ୟ ପ୍ରଶ୍ନ କରିଛନ୍ତି ଯେ ଆଲୋଚନା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ କାହିଁକି ବିଧାନସଭା ବିତର୍କରେ ଭାଗ ନେଲେ ନାହିଁ କିମ୍ବା ଆପତ୍ତି ଉଠାଇଲେ ନାହିଁ ?

କଂଗ୍ରେସ ମଧ୍ୟ ସମାନ ପ୍ରଶ୍ନ ପଚାରିଛି। କଂଗ୍ରେସ ବିଧାୟକ ପବିତ୍ର ସାଉଁଟା କହିଛନ୍ତି, "ଦରମା ବୃଦ୍ଧି ବିଲ୍ ଗୃହରେ ଉପସ୍ଥାପିତ ହେବା ବେଳେ ବିଜେଡିର ମୁଖ୍ୟ ସଚେତକଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ। ବର୍ତ୍ତମାନ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏକ ରାଜନୈତିକ ମାଇଲେଜ୍ ନେବାକୁ ଚାହୁଁଛନ୍ତି।"

ଏହା ମଧ୍ୟରେ କେନ୍ଦ୍ରାପଡ଼ା ବିଜେଡି ବିଧାୟକ ଗଣେଶ୍ୱର ବେହେରା ଦରମା ବୃଦ୍ଧିକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି, "ପୂର୍ବତନ ମୁଖ୍ୟମନ୍ତ୍ରୀ ଦଳୀୟ ବିଧାୟକମାନଙ୍କୁ ସେମାନଙ୍କ ଦରମା ନନେବାକୁ କହିନାହାଁନ୍ତି। ଦ୍ୱିତୀୟରେ, ଦଳ ଦରମା ବୃଦ୍ଧି ଦାବି କରିଥିଲା ଏବଂ ଗୃହରେ ବିଲ୍‌କୁ ସମର୍ଥନ କରିଥିଲା। ତେଣୁ, ଏପରି ନିଷ୍ପତ୍ତିକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ।"

ତେବେ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଦେଶରେ ସର୍ବାଧିକ ମାସିକ ଦରମା ପାଉଥିବା ବିଧାୟକ ହୋଇଛନ୍ତି ଓଡ଼ିଶାର ବିଧାୟକ। ଓଡ଼ିଶାର ଜଣେ ବିଧାୟକଙ୍କ ମୋଟ ମାସିକ ପ୍ରାପ୍ୟ (ଦରମା ଓ ଭତ୍ତା ମିଶାଇ) ବୃଦ୍ଧି ପାଇ ୩ ଲକ୍ଷ ୪୫ ହଜାର ଟଙ୍କାରେ ପହଞ୍ଚିଛି। ଏହି ପ୍ୟାକେଜରେ ମୂଳ ଦରମା ୯୦,୦୦୦, ନିର୍ବାଚନମଣ୍ଡଳୀ ଓ ସଚିବାଳୟ ଖର୍ଚ୍ଚ ପାଇଁ ୭୫,୦୦୦ ଟଙ୍କା, ଯାନବାହନ ଭତ୍ତା ୫୦,୦୦୦ ଏବଂ ସ୍ଥାୟୀ ଯାତ୍ରା ଭତ୍ତା ୫୦,୦୦୦ ସହ ଡାକ୍ତରୀ, ବିଜୁଳି ଓ ଟେଲିଫୋନ୍ ଖର୍ଚ୍ଚ ଆଦି ଅନ୍ତର୍ଭୁକ୍ତ ରହିଛି। ନୂଆ ଦରମା ବୃଦ୍ଧି ସଂକ୍ରାନ୍ତ ବିଲ୍ ପାରିତ ହେବା ପରେ ପୂର୍ବରୁ ଅଧିକ ଦରମା ଦେଉଥିବା ରାଜ୍ୟମାନଙ୍କୁ ପଛରେ ପକାଇ ଦେଇଛି ଓଡ଼ିଶା। ମହାରାଷ୍ଟ୍ର ଏବଂ ତେଲେଙ୍ଗାନାର ବିଧାୟକମାନେ ପ୍ରାୟ ୨.୫୦ ଲକ୍ଷରୁ ୨.୫୨ ଲକ୍ଷ ପର୍ଯ୍ୟନ୍ତ ମାସିକ ପ୍ୟାକେଜ୍ ପାଉଛନ୍ତି। ହରିଆଣାରେ ଏହି ପରିମାଣ ପ୍ରାୟ ୨.୨୦ ଲକ୍ଷ ଏବଂ ଉତ୍ତର ପ୍ରଦେଶରେ ୧.୮୭ ଲକ୍ଷ ରହିଛି। କର୍ଣ୍ଣାଟକରେ ପ୍ରାୟ ୧.୬୦ ଲକ୍ଷ ଏବଂ ରାଜସ୍ଥାନ ଓ ଝାଡ଼ଖଣ୍ଡରେ ୧.୫୦ ଲକ୍ଷରୁ ଅଧିକ ମାସିକ ଦରମା ଦିଆଯାଉଛି। ଦିଲ୍ଲୀ (କେନ୍ଦ୍ର ଶାସିତ ଅଞ୍ଚଳ)ରେ ବିଧାୟକଙ୍କ ମାସିକ ଦରମା ପ୍ରାୟ ୯୦,୦୦୦ ରହୁଥିବା ବେଳେ କେରଳ ବିଧାୟକଙ୍କୁ ମାସିକ ପ୍ରାୟ ୭୦,୦୦୦ ମିଳିଥାଏ, ଯାହା ଦେଶରେ ସର୍ବନିମ୍ନ ମଧ୍ୟରେ ଅନ୍ୟତମ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୫ ଡିସେମ୍ବର ୨୦୨୫ । ସୋମବାର




## ଡ୍ୟୁଟି ସମୟରେ ସୁରକ୍ଷା କର୍ମଚାରୀଙ୍କ ମୃତ୍ୟୁ



**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତକଙ୍କ ନାମ ସୁଶିଲ କୁମାର ଦାଶ (୪୮), ସେ ଏମ/ଏସ ଷ୍ଟାରସିଇଲଡ ସିକ୍ୟୁରିଟି ସୋଲୁସନ ସ୍ୱେର୍ଭିସେସ ସଂସ୍ଥାର ସୁରକ୍ଷା ପାହାରାଦାର ଭାବେ ସିଜିଏଲ୨ ଇଉନିଟ୍‌ରେ କାମ କରୁଥିଲେ । ପ୍ରାପ୍ତ ସୂଚନା ଅନୁସାରେ, ସକାଳେ ସେ ଗେଟ୍ ନମ୍ବର–୩ରେ ବ୍ରିଫିଂ ପରେ ପ୍ରାୟ ସକାଳ ୫.୪୫ରେ ପଞ୍ଚ୍-ଇନ୍ କରିଥିଲେ । ଏହାପରେ ଶଟଲ୍ ବସ୍ ଯୋଗେ ୯୦–୫୦ ଟର୍ଣ୍ଣିଂ ନିକଟକୁ ଯାଇ, ସେଠାରୁ ସିଜିଏଲ୨ ଦିଗକୁ ଯାଉଥିବା ବେଳେ ହଠାତ୍ ସେ ଅଚେତନ ହୋଇପଡ଼ିଥିଲେ । ସହକର୍ମୀମାନେ ତୁରନ୍ତ ତାଙ୍କୁ ପ୍ଲାଣ୍ଟ ପରିସର ଭିତରେ ଥିବା ଫର୍ଷ୍ଟ ଏଡ୍ ସେଣ୍ଟରକୁ ନେଇଯାଇଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ହସ୍ପିଟାଲରେ ପହଞ୍ଚିବା ସମୟରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ସୁଶିଲ କୁମାର ଦାଶ ଢେଙ୍କାନାଳ ଜିଲ୍ଲାର କାମାଖ୍ୟାନଗର ଥାନା ଅନ୍ତର୍ଗତ ଦିଗଗି ଗ୍ରାମ ପଞ୍ଚାୟତର ଗରାସିଆ ଗ୍ରାମର ବାସିନ୍ଦା ଥିଲେ । ସେ ସରଙ୍ଗାଧର ଦାଶଙ୍କ ପୁତ୍ର ଅଟନ୍ତି । ଘଟଣା ସମ୍ପର୍କରେ ପୋଲିସ ଦ୍ୱାରା ଉଡି (ୟୁଡି) କେସ୍ ନମ୍ବର ୨୯/୨୫ ରୁଜୁ କରାଯାଇଛି । ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଥିବା ବେଳେ ସେମାନେ କଳିଙ୍ଗନଗରକୁ ଆସୁଥିବା ଜଣାପଡ଼ିଛି । ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି ।

## ଆଶ୍ରମସ୍କୁଲରୁ ନିଖୋଜ ୩ ଛାତ୍ର ଉଦ୍ଧାର



**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ତିନିଦିନ ହେଲା ନିଖୋଜ ଥିବା ଆଦିବାସୀ ଛାତ୍ରଙ୍କୁ ରସୋଳ ପୋଲିସ ଉଦ୍ଧାର କରି ବଡ଼ ସଫଳତା ପାଇଛି । ଖବରରୁ ପ୍ରକାଶ ହିନ୍ଦୋଳ ବ୍ଲକ ରସୋଳ ଥାନା ଅନ୍ତର୍ଗତ ଗଣ୍ଡନାଳୀ ପଞ୍ଚାୟତ ଚ଼ିଲତଇଲା ଆଶ୍ରମସ୍କୁଲରୁ ଗତ ୧୦ ତାରିଖ ଦିନ ସ୍କୁଲର କ୍ରୀଡା ପ୍ରତିଯୋଗିତାକୁ ପିଲାମାନେ ଭାଗନେବାକୁ ନିକଟସ୍ଥ ଖେଳପଡିଆକୁ ଯାଇଥିଲେ । ମାତ୍ର ସନ୍ଧ୍ୟାବେଳେ ଦେଖିବାବେଳକୁ ଭୁବନର ବାରୁଆଁ ଗ୍ରାମର ପାଠ ପଢୁଥିବା ୩ଜଣ ଆଦିବାସୀ ପିଲା ଶିବୁ ମୁର୍ମୁ ୭, ବାପି ବେସ୍ରା ୧୧, ସ୍ୱାଧୀନ ମୁର୍ମୁ ୭ ବୟସ ପିଲା ଫେରିନଥିଲେ । ତେବେ ବହୁ ଖୋଜାଖୋଜି ପରେ ନପାଇବାରୁ ଗତ ୧୧ ତାରିଖରେ ଚ଼ିଲତଇଲା ଆଶ୍ରମ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ସାହୁ ରସୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏବଂ ଅଭିଯୋଗ ପାଇ ରସୋଳ ପୋଲିସ ଛାନଭିନ କରି ପିଲାମାନଙ୍କୁ ଉଦ୍ଧାର କରିବାପାଇଁ ଆପ୍ରାଣ ଉଦ୍ୟମ ଆରମ୍ଭ କରିଥିଲେ । ତେବେ ଘଟଣାର ଗୁରୁତ୍ୱ ଉପଲବ୍ଧ କରି ହିନ୍ଦୋଳ ଉପଖଣ୍ଡ ଆରକ୍ଷୀ ଉପ-ଅଧିକ୍ଷକ ସତ୍ୟ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ନିର୍ଦ୍ଦେଶକ୍ରମେ ରସୋଳଥାନା ଭାରପ୍ରାପ୍ତ ଅଧିକାରୀ ବିଧୁଭୂଷଣ ମିଶ୍ର, ଇନିସ୍ପେକ୍ଟର ପ୍ରତାପ ଦଳେଇଙ୍କ ସହ ଏକ ପୋଲିସଟିମ ବିଭିନ୍ନ ସୂତ୍ରରୁ ଖବରନେଇ ପିଲା ତିନିଜଣଙ୍କୁ କଟକଜିଲ୍ଲା ଚ଼ଣ୍ଡିଖୋଲ ନିକଟରୁ ଉଦ୍ଧାର କରିଥିଲେ ଏବଂ ପିଲାମାନେ କାହାକୁ ନଜଣାଇ ଘରକୁ ଯିବା ଉଦ୍ଦେଶ୍ୟରେ ଯାଇ ଭୁଲରେ ଡ୍ରାଇଭର ଅଜାଣତରେ ତାଙ୍କ ଟ୍ରକରେ ଚ଼ଣ୍ଡିଖୋଲରେ ପହଞ୍ଚି ଜଣଙ୍କ ପାଖରେ ଆଶ୍ରୟ ନେଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ତେବେ ଡାକ୍ତରୀ ଚ଼ିକିତ୍ସାପରେ ପିଲାମାନଙ୍କ ମାତାପିତା ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପିଲାମାନଙ୍କୁ ହସ୍ତାନ୍ତର କରାଯାଇଥିଲା ଏବଂ ପୋଲିସର ଏହି ସଫଳତା ପାଇଁ ହିନ୍ଦୋଳ ଉପଖଣ୍ଡ ଏସଡିପିଓ ଏବଂ ରସୋଳ ପୋଲିସକୁ ଅଞ୍ଚଳବାସୀ ଉଚ୍ଚପ୍ରଶଂସା କରିଛନ୍ତି ।

## ଲୋକାର୍ପଣ ଅପେକ୍ଷାରେ ଜନଜାତି ସଂଗ୍ରହାଳୟ

**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**




ସୁନ୍ଦରଗଡର ସମୃଦ୍ଧ ଜନଜାତି ସଂସ୍କୃତିକୁ ଦେଖିବ ସାରା ଜଗତ । ଆଦିବାସୀ ପରମ୍ପରା, ବେଶପୋଷାକ, ଖାଦ୍ୟପେୟ, କଳାସଂସ୍କୃତି, ଜୀବନଜୀବିକା ବିଷୟରେ ଜାଣିବେ ଲୋକେ । ଏଥିପାଇଁ ପ୍ରସ୍ତୁତ ହେଉଛି ରାଉରକେଲା ଜନଜାତି ସଂଗ୍ରହାଳୟ । କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ବିଭିନ୍ନ ସୂକ୍ଷ୍ମକାର୍ଯ୍ୟରେ ଦିଆଯାଉଛି ଶେଷସ୍ପର୍ଶ । ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି । ଆସନ୍ତା ୨୨ତାରିଖରେ ଏହାର ଲୋକାର୍ପଣ ହୋଇପାରେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାର ଉଦ୍‌ଘାଟନ କରିପାରନ୍ତି । ହେଲେ ଅଦ୍ୟାବଧି ଏହା ସ୍ପଷ୍ଟ ହୋଇନାହିଁ ।

'ରାଉରକେଲା ଓ୍ୱାନ୍' ପରିସରରେ ନିର୍ମାଣ ହେଉଛି ରାଉରକେଲା ଜନଜାତି ସଂଗ୍ରହାଳୟ । କେବଳ ସୁନ୍ଦରଗଡ ନୁହେଁ, ରାଜ୍ୟର ବିଭିନ୍ନ ଜନଜାତି ସମ୍ପ୍ରଦାୟର ଲୋକଙ୍କ ବିବିଧ ସଂସ୍କୃତିକୁ କଳାତ୍ମକ ଢଙ୍ଗରେ ଏଠାରେ ପ୍ରଦର୍ଶିତ କରାଯାଇଛି । ତିନିମହଲା ବିଶିଷ୍ଟ ଜନଜାତି ସଂଗ୍ରହାଳୟର ତଳ ମହଲା (ଗ୍ରାଉଣ୍ଡ ଫ୍ଲୋର)ରେ ରିସେପସନ୍ ଓ ଅପେକ୍ଷା କେନ୍ଦ୍ର, ଆଦି ଆବାସ, ସ୍ମାରକୀ ଓ ପାଠାଗାର ରହିଛି । ପ୍ରଥମ ମହଲା (ଫାଷ୍ଟ ଫ୍ଲୋର)ରେ ଆଦି ସଂସ୍କୃତି, ଆଦି ବାଣୀକୁ ଦର୍ଶକ ଦେଖିପାରିବେ ।

ଦ୍ୱିତୀୟ ମହଲା (ସେକେଣ୍ଡ ଫ୍ଲୋର)ରେ ଆଦି କଳା, ଆଦିବାସୀ ଧର୍ମପୀଠ, ଆଦିବାସୀଙ୍କ ଉପଲବ୍ଧିତ ଗ୍ୟାଲେରୀ, ଟେରାକୋଟା ଗ୍ୟାଲେରୀ, ପିଭିଟିଜିଏସ୍ ଫଟୋ ଗ୍ୟାଲେରୀ ରହିଛି । ଆଦିବାସୀଙ୍କ ବାସଗୃହ, ଜୀବନଚ଼ର୍ଯ୍ୟା ଠାରୁ ଆରମ୍ଭ କରି ଖାଦ୍ୟପେୟ, ବେଶପୋଷାକ ସବୁ ଟିକିନିଖି ବିଷୟବସ୍ତୁକୁ ଜନଜାତି ସଂଗ୍ରହାଳୟରେ ଗୁରୁତ୍ୱ ଦିଆଯାଇଛି । ଜଣେ ପର୍ଯ୍ୟଟକ ଯେପରି ସୁଖଦ ଅନୁଭୂତି ନେଇ ଫେରିବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ସଂଗ୍ରହାଳୟ ରାଉରକେଲା ସ୍ମାର୍ଟ ସିଟି ଅଧୀନରେ ରହିଛି । ଉଦ୍‌ଘାଟନ ପରେ ଏହାକୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ହସ୍ତାନ୍ତର କରାଯିବ । ଏହାପରେ ଟିକେଟ୍ 'ଫି' ନିର୍ଦ୍ଧାରଣ ହେବ ବୋଲି ଜଣାପଡିଛି ।

ସୂଚ଼ନାଯୋଗ୍ୟ, ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ପାନପୋଷ ହକି ଛକ ନିକଟରେ ପ୍ରାୟ ୧୦୦ କୋଟି ଟଙ୍କାରେ ରାଉରକେଲା ଓ୍ୱାନ୍ ପ୍ରକଳ୍ପ ନିର୍ମାଣ କରାଯାଉଛି । ରାଉରକେଲା ଓ୍ୱାନ୍‌ରେ ଜନଜାତି ସଂଗ୍ରହାଳୟ, ଆଇସିସି (ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟର) ଓ ଅଡିଟୋରିୟମ୍ ପ୍ରସ୍ତୁତ କରାଯାଉଛି । ଇତି ମଧ୍ୟରେ ଜନଜାତି ସଂଗ୍ରହାଳୟ ଓ ଆଇସିସିସି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜନଜାତି ସଂଗ୍ରହାଳୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ମିଳିବ । ପିଲାମାନେ ଆଦିବାସୀଙ୍କ ବିଷୟରେ ଅନେକ ଜ୍ଞାନ ପାଇପାରିବେ । ଏହା ରାଉରକେଲା ପର୍ଯ୍ୟଟନକୁ ସମୃଦ୍ଧ କରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

## ଜଳିଗଲା ଧାନଗଦା



**ସୋରଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ନିଆଁ ଲାଗି ଜଳିଗଲା ଧାନଗଦା । ଲକ୍ଷାଧିକ ଟଙ୍କାର ଧାନ ପୋଡି ପାଉଁଶ । ଗଞ୍ଜାମ ସୋରଡ଼ା ଥାନା ସନ୍ଧିକେନ୍ଦୁ ଗ୍ରାମରୁ ଏହି ଘଟଣା ସାମ୍ନାକୁ ଆସିଛି ।

ସୂଚ଼ନା ମୁତାବକ, ଶନିବାର ମଧ୍ୟରାତ୍ରରେ ଠାକୁରାଣୀ ମନ୍ଦିର ପଛପଟେ ରହିଥିବା ଧାନଗଦାରେ କୌଣସି ପ୍ରକାରେ ନିଆଁ ଲାଗିଯାଇଥିଲା । ମଧ୍ୟ ରାତ୍ର ସମୟ ହୋଇଥିବା ଯୋଗୁଁ କେହି ଜାଣି ପାରିନଥିଲା । ସକାଳେ ଧାନଗଦାରେ ନିଆଁ ଲାଗିଥିବା ଦେଖି ଚ଼ାଷୀମାନେ ସୋରଡ଼ା ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମବାହିନୀ ଆସି ନିଆଁ ଲିଭାଇ ଥିଲେ । ନିଆଁ ଲାଗିବା ବିଳମ୍ବରେ ଜଣାପଡିଥିବା ଯୋଗୁଁ ପ୍ରାୟ ୯୦ ପ୍ରତିଶତ ଧାନ ପୋଡି ପାଉଁଶ ହୋଇଯାଇଛି । ୧୩ ଜଣ ଚ଼ାଷୀଙ୍କ ୧୫ ଏକର ଚ଼ାଷ ଜମିରୁ ଅମଳ ହୋଇଥିବା ଧାନ ଫସଲ ପୋଡ଼ି ନଷ୍ଟ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଚ଼ାଷୀ ସହାୟତା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି ।

## ହାଇଓ୍ୱାକୁ ଧକ୍କା ଦେଲା ବୋଲେରୋ, ୫ ଆହତ

**ତିଗିରିଆ: ଏକ୍ସପ୍ରେସ ନ୍ୟୁଜ୍**

ଅଧା ରହିଗଲା ମା' ତାରିଣୀଙ୍କ ଦର୍ଶନ । ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଡା ହୋଇଥିବା ଗୋଡି ବୋଝେଇ ହାଇଓ୍ୱାକୁ ଧକ୍କା ଦେଲା ବୋଲେରୋ । ଫଳରେ ୨ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅନ୍ୟ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚ଼ନା ମୁତାବକ, ଶନିବାର ବୋଲେରୋ ଯୋଗେ ବଡ଼ମ୍ବା ଥାନା ଅନ୍ତର୍ଗତ ମୁଗ ଗହୀର ଗ୍ରାମର ଏକ ପରିବାର ମା' ତାରିଣୀଙ୍କ ଦର୍ଶନ କରିବାକୁ ଯାଉଥିଲେ । ହେଲେ ଯିବା ସମୟରେ ବିଳମ୍ବିତ ରାତି ୨ଟା ସମୟରେ ଖୁଣ୍ଟୁଣୀ ନରସିଂହପୁର ୬୫ ନଂ ରାଜ୍ୟ ରାଜପଥର ବନମାଳିପୁର ଛକ ନିକଟରେ ବୋଲେରୋ ଚ଼ାଳକ ଭାରସାମ୍ୟ ହରାଇ ରାସ୍ତା ଉପରେ ଠିଆ ହୋଇ ଥିବା ଗୋଡି ବୋଝେଇ ହାଇଓ୍ୱାକୁ ପଛରୁ ଧକ୍କା ଦେଇଥିଲା । ଏଥିରେ ଗାଡି କ୍ଷତିଗ୍ରସ୍ତ ହେବା ସହ ୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ବିନ୍ଧାଣୀମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି ।

## ପୋଲିସ ହେପାଜତରେ ଅଭିଯୁକ୍ତର ମୃତ୍ୟୁ !

**ବାଣପୁର: ଏକ୍ସପ୍ରେସ ନ୍ୟୁଜ୍**

ବାଣପୁର ପୁଲିସ ହେପାଜତରେ ଅଭିଯୁକ୍ତଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଚୋରା ମଦ କାରବାର ଅଭିଯୋଗରେ ରାତିରେ ଜଣଙ୍କୁ ଥାନାକୁ ଆଣିଥିଲା ପୋଲିସ । ଦାଶରଥିପୁର ଗାଁର ଜଣଙ୍କୁ ଥାନାକୁ ଆଣି ବାଣପୁର ପୋଲିସ ପଚ଼ରାଉଚ଼ରା କରିଛି । ଅସୁସ୍ଥ ହେବାରୁ ସକାଳେ ବାଣପୁର, ପରେ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ସୂଚ଼ନା ମିଳିଛି । ତେବେ ପରିବାର ଲୋକେ ପୋଲିସ ହେପାଜତରେ ମୃତ୍ୟୁ ନେଇ ଅଭିଯୋଗ କରିଛନ୍ତି । ପୋଲିସ କ'ଣ ପାଇଁ ଆମ୍ବୁଲାନ୍ସରେ ନଆଣି ନିଜ ଭ୍ୟାନରେ ଆଣିଲା ବୋଲି ପ୍ରଶ୍ନ ଉଠିଛି ।

## ବାଣିଜ୍ୟ

### ଇଣ୍ଡିଗୋ ବିମାନର ବାତିଲ ପରେ ଗ୍ରାହକଙ୍କୁ ୫୫ ନିୟୁତରୁ ଅଧିକ ପେମେଣ୍ଟ ଆକଳନ




**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଗତ ସପ୍ତାହରେ ବାହକଙ୍କ ଗଣ ବାତିଲ ଦ୍ୱାରା ପ୍ରଭାବିତ ଗ୍ରାହକମାନଙ୍କୁ ମୋଟ ୫ ବିଲିୟନ ଟଙ୍କା (୫୫.୧୯ ନିୟୁତ) ପେମେଣ୍ଟ ଆକଳନ କରିଛି ଇଣ୍ଡିଗୋ । ଦୁର୍ବଳ ପାଇଲଟ୍ ରୋଷ୍ଟର ଯୋଜନା ଯୋଗୁଁ ବିମାନ କମ୍ପାନୀ ଗତ ସପ୍ତାହରେ ପ୍ରାୟ ୪,୫୦୦ ଉଡ଼ାଣ ବାତିଲ କରିଥିଲା, ଯାହା ଫଳରେ ହଜାର ହଜାର ଯାତ୍ରୀ ଫସି ରହିଥିଲେ, ଯାହା ପରେ ବେସାମରିକ ବିମାନ ଚ଼ଳାଚ଼ଳ ନିୟାମକ ଦ୍ୱାରା ଏହାର ଘରୋଇ ଶୀତକାଳୀନ କାର୍ଯ୍ୟସୂଚ଼ୀର ୧୦% ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବଜେଟ୍ ଏୟାରଲାଇନ୍ସ ଏକ୍ସରେ ଏକ ପୋଷ୍ଟରେ କହିଛି ଯେ ଏହା ସେହି ଉଡ଼ାଣଗୁଡ଼ିକୁ ଚ଼ିହ୍ନଟ କରିବା ପ୍ରକ୍ରିୟାରେ ଅଛି ଯେଉଁଠାରେ ଗ୍ରାହକମାନେ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲେ ଏବଂ ଡିସେମ୍ବର ୩, ୪ ଏବଂ ୫ରେ ବିମାନବନ୍ଦରରେ ଫସି ରହିଥିଲେ । ଇଣ୍ଡିଗୋ ସେହି ଗ୍ରାହକମାନଙ୍କୁ କ୍ଷତିପୂରଣ ଦେବ ଯେଉଁମାନଙ୍କର ଉଡ଼ାଣ 'ପ୍ରସ୍ଥାନ ସମୟର ୨୪ ଘଣ୍ଟା ମଧ୍ୟରେ ବାତିଲ ହୋଇଥିଲା ଅଥବା କିଛି ବିମାନବନ୍ଦରରେ ଗମ୍ଭୀର ଭାବରେ ଫସି ରହିଥିବା ଗ୍ରାହକମାନଙ୍କୁ' ଦିଆଯାଇଥିଲା ।

'ଆମର ଲକ୍ଷ୍ୟ ହେଉଛି ଏହି ପ୍ରକ୍ରିୟାକୁ ଆପଣଙ୍କ ପାଇଁ ଯଥାସମ୍ଭବ ସ୍ୱଚ୍ଛ, ସହଜ ଏବଂ ଅସୁବିଧାମୁକ୍ତ କରିବା । ଆମେ କ୍ଷତିପୂରଣ ପ୍ରଦାନ କରିବୁ ଯାହା ଆମର ବର୍ତ୍ତମାନର ଆକଳନ ଅନୁଯାୟୀ, ପ୍ରସ୍ଥାନ ସମୟର ୨୪ ଘଣ୍ଟା ମଧ୍ୟରେ ବାତିଲ ହୋଇଥିବା ଗ୍ରାହକମାନଙ୍କୁ ଅଥବା କିଛି ବିମାନବନ୍ଦରରେ ଗୁରୁତର ଭାବରେ ଫସି ରହିଥିବା ଗ୍ରାହକମାନଙ୍କୁ ୫୦୦ କୋଟିରୁ ଅଧିକ ହେବ, 'ଏୟାରଲାଇନ୍ସ ଏକ ବିବୃତ୍ତିରେ କହିଛି । ଭାରତର ସର୍ବବୃହତ ଏୟାରଲାଇନ୍ସ ସୂଚ଼ିତ କରିଛି ଯେ ଏହାର ଦଳଗୁଡ଼ିକ ରିଫଣ୍ଡ ପ୍ରକ୍ରିୟାକରଣ ଏବଂ କ୍ଷତିପୂରଣ ବଣ୍ଟନ ଉଭୟରେ ଚ଼ିନ୍ତନଶୀଳ ଯତ୍ନ ନେଉଛନ୍ତି । 'ଏହି ପର୍ଯ୍ୟାୟରେ, ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆମର ପ୍ରାଥମିକ ଲକ୍ଷ୍ୟ ହେଉଛି ପ୍ରଭାବିତ ଗ୍ରାହକମାନଙ୍କ ପାଇଁ ସମସ୍ତ ରିଫଣ୍ଡକୁ ଦକ୍ଷତାର ସହିତ, ଶୀଘ୍ର ଏବଂ ଅତ୍ୟନ୍ତ ଜରୁରୀତାର ସହିତ ପ୍ରକ୍ରିୟାକରଣ କରିବା ନିଶ୍ଚିତ କରିବା । ସେମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଅବଶିଷ୍ଟ ବିମାନଗୁଡ଼ିକ ଖୁବ୍ ଶୀଘ୍ର ପ୍ରତିଫଳିତ ହେବ' ଇଣ୍ଡିଗୋ କହିଛି ।

ଡିସେମ୍ବର ୩-୫, ୨୦୨୫ରେ ବିମାନବନ୍ଦରରେ ଗ୍ରାହକମାନେ ଗୁରୁତର ଭାବରେ ପ୍ରଭାବିତ ଏବଂ ଫସି ରହିଥିବା ବିମାନଗୁଡ଼ିକୁ ବିମାନ କମ୍ପାନୀ ଚ଼ିହ୍ନଟ କରୁଛି । ସୁଗମ ଭାବରେ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଏହା ଜାନୁଆରୀ ମାସ ପର୍ଯ୍ୟନ୍ତ ଏପରି ସମସ୍ତ ଗ୍ରାହକଙ୍କ ସହ ଯୋଗାଯୋଗ କରିବ । ଦିଲ୍ଲୀ ହାଇକୋର୍ଟର ବିଚ଼ାରପତି ଶୈଳ ଜୈନ ଶୁକ୍ରବାର ଇଣ୍ଡିଗୋର ଆବେଦନର ଶୁଣାଣିରୁ ନିଜକୁ ଓହରି ଯାଇଛନ୍ତି । ଏହି ମାମଲାଟି ବିଚ଼ାରପତି ପ୍ରତିଭା ଏମ୍ ସିଂହ ଏବଂ ଶୈଳ ଜୈନଙ୍କ ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ ହୋଇଥିଲା, ତାଙ୍କ ପୁଅ ଇଣ୍ଡିଗୋରେ ପାଇଲଟ୍ ଭାବରେ କାମ କରୁଥିବାରୁ ଜଷ୍ଟିସ୍ ଜୈନ ଶୁଣାଣିରୁ ଓହରି ଯାଇଥିଲେ । ମୁଖ୍ୟ ବିଚ଼ାରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆମ ମଧ୍ୟରୁ ଜଣେ (ବିଚ଼ାରପତି ଶୈଳ ଜୈନ) ସଦସ୍ୟ ନଥିବା ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ କରନ୍ତୁ, କୋର୍ଟ ତାଙ୍କ ଆଦେଶରେ କହିଛନ୍ତି । ଏହି ମାମଲାଟି ବର୍ତ୍ତମାନ ଅନ୍ୟ ଏକ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପିତ ହେବ, ସମ୍ଭବତଃ ଡିସେମ୍ବର ୧୯ ତାରିଖରେ । ଇଣ୍ଡିଗୋର ଓକିଲ ଭି ଲକ୍ଷ୍ମୀକୁମାରନ୍, ଦାଖଲ କରିଛନ୍ତି ଯେ ବିମାନ କମ୍ପାନୀର ବିମାନ ଇଞ୍ଜିନ ଏବଂ ଅଂଶ ମରାମତି ପରେ ପୁନଃ ଆମଦାନୀ କରାଯିବା ସମୟରେ ବିବାଦ ବିନା ମୌଳିକ କଷ୍ଟମ୍ସ ଶୁଳ୍କ ପ୍ରଦାନ କରିଥିଲା । ଇଣ୍ଡିଗୋ ନୂତନ ବିଶ୍ରାମ ଅବଧି ଏବଂ ଡ୍ୟୁଟି ନିୟମ ପାଇଁ ଯୋଜନା କରିବାରେ ବିଫଳ ହେବା, ବିମାନଗୁଡ଼ିକୁ ଗ୍ରାଉଣ୍ଡେଡ୍ କରିବା ଏବଂ ଯାତ୍ରା ଯୋଜନା ବାଧାପ୍ରାପ୍ତ କରିବା ପାଇଁ ସମାଲୋଚ଼ନାର ସମ୍ମୁଖୀନ ହୋଇଥିଲା ।

## ମଦୁରାଇ ଦର୍ଶନରେ ଗଲେ ୭୫ ବରିଷ୍ଠ ନାଗରିକ




**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମଦୁରାଇ ଦର୍ଶନରେ ଗଲେ ମାଲକାନଗିରି ଜିଲ୍ଲାର ୭୫ଜଣ ବରିଷ୍ଠ ନାଗରିକ । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚ଼ନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଆରଟିଓ ଇନ୍ସପେକ୍ଟର ଦୀପକ ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାଜୀବ ପୂଜାରୀ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶୁଭାସିନୀ ମଲ୍ଲିକ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି ।

ସେ କହିଛନ୍ତି ଯେ, ମନୁଷ୍ୟ ଜୀବନ କାଳ ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହି ଆସିଛି । ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୫ ଜଣ ବରିଷ୍ଠ ନାଗରିକଙ୍କ ତାମିଲନାଡୁ ରାଜ୍ୟର ରାମେଶ୍ୱରମ ଓ ମଦୁରାଇ ତୀର୍ଥ କ୍ଷେତ୍ର ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚ଼ନା ଦେଇଛନ୍ତି ।

ତେବେ ୭୫ ଜଣଙ୍କ ମଧ୍ୟରୁ ୪୦ ଜଣ ପୁରୁଷ ରହିଥିବା ବେଳେ ୩୫ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି । ରବିବାର ସମସ୍ତ ଯାତ୍ରୀ ରାୟଗଡ଼ା ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ସୋମବାର ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ୍, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି । ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ କ୍ରୀଡ଼ା ପ୍ରଶିକ୍ଷକ ବବିତା ମହାନ୍ତି ଓ ଖଇରପୁଟ ତହସିଲର ରାଜସ୍ୱ କର୍ମଚ଼ାରୀ ସରୋଜ ନାୟକ ସାଥିରେ ଗସ୍ତ କରିଛନ୍ତି । ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି, ସନ୍ତୋଷ ବିଶ୍ୱାସ, ଲକ୍ଷ୍ମୀ ଜାଲା, ଲଛମି ମୁଦୁଲି ଓ ଶୁକ୍ରା କିର୍ଷାନି ସହଯୋଗ କରିଥିଲେ ।

## ବସଷ୍ଟାଣ୍ଡରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ମୃତ୍ୟୁ କାହାର କେଉଁଠି ହେବ ତାହା ନିୟତିର ନିର୍ଦ୍ଦେଶରେ ହୋଇଥାଏ । ଭୋଗରାଇ ଥାନା, କଖଡା, ଦାଉଦ ପୁର ଗ୍ରାମର, କାର୍ଦ୍ଧୀ ମୁର୍ମୁଙ୍କ ପୁଅ, ଶ୍ୟାମ ଲାଲା ମୁର୍ମୁ(୪୨)ଙ୍କ ମୃତ ଶରୀର ଜଳେଶ୍ୱର ଥାନା, ଅଗ୍ରୱାଲ ଛକ ସନ୍ନିକଟ ଗୋପବନ୍ଧୁ ବସଷ୍ଟାଣ୍ଡରୁ ଉଦ୍ଧାର ହୋଇଥିବା ପରିଚ଼ୟ ପତ୍ରରୁ ଜଣାପଡିଛି । ଶନିବାର ସକାଳେ ଅଜଣା ଶବଟି ବସଷ୍ଟାଣ୍ଡରେ ପଡ଼ିଥିବା ଦେଖି ସମାଜସେବୀ ଚ଼ନ୍ଦନ କର ଜଳେଶ୍ୱର ଥାନାକୁ ଜଣାଇଥିଲେ । ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ସମସ୍ତ ଦିଗରୁ ତଦନ୍ତ କରୁଛନ୍ତି । ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ ବ୍ୟକ୍ତ ଜଣଙ୍କ ଶୁକ୍ରବାର ନିକଟରେ ଥିବା ଏକ ଦୋକାନରେ ବସିଥିଲେ । କିନ୍ତୁ କେଉଁ କାରଣରୁ, ଭୋଗରାଇରୁ ଆସି ଏଠାରେ ମୃତ୍ୟୁ ଘଟିଲା ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ସହରକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ କେବେ ?

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ଜଳେଶ୍ୱର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ବହୁ ଦିନରୁ ଦାବି ହୋଇ ଆସୁଥିଲା । ୩୩ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟରେ ଏକ ମେଗା ପାଣି ପ୍ରକଳ୍ପ ନିର୍ମାଣ ଖୁବଶୀଘ୍ର ହେବ ବୋଲି ଜଣାଯିବା ପରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । କିନ୍ତୁ ଏହି ଜନ କଲ୍ୟାଣକାରୀ ବୃହତ ପ୍ରକଳ୍ପ ନିର୍ମାଣ ବିଳମ୍ବ ହେବାରୁ ଗ୍ରୀଷ୍ମପ୍ରବାହ ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେବା ସନ୍ଦେହ ରହିଛି ।

ଜଳେଶ୍ୱର ସହରରେ ଥିବା ୧୭ଟି ଓ୍ୱାର୍ଡବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇବା ଲାଗି ଦୁଇବର୍ଷ ତଳୁ ପ୍ରୟାସ ଆରମ୍ଭ ହୋଇଥିଲା । ଏ ସଂପର୍କରେ ପୌରପାଳ ପ୍ରତୀପ ପ୍ରଧାନ ତତ୍କାଳୀନ ଜିଲ୍ଲାପାଳ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପ୍ରକଳ୍ପର ଆବଶ୍ୟକତା ସଂପର୍କରେ ପତ୍ର ଦେଇଥିଲେ । ପରେ ଏହି କାର୍ଯ୍ୟ ଶିଥିଳ ପଡିଥିବା ବେଳେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ପାତ୍ର ଓ ପୌରପାଳ ଶ୍ରୀ ପ୍ରଧାନଙ୍କ ପ୍ରଚେଷ୍ଟାରେ ପିଏଚ଼ଡି ବିଭାଗରୁ ୨ଟି ପର୍ଯ୍ୟାୟରେ ୩୩ କୋଟି ୬୧ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଜଳେଶ୍ୱର ସହରଟି ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ ହୋଇଥିବାରୁ ନଦୀର ଗଭିରତା ଦୃଷ୍ଟିରୁ ଖରାଦିନେ ଜଳସଙ୍କଟ ଦେଖା ଦେଇଥାଏ । ସହର ଚ଼ାରିପଟେ ବ୍ୟାପକ କ୍ଷେତରେ ଧାନଚ଼ାଷ ଲାଗି ଉଠାଜଳସେଚ଼ନ କାର୍ଯ୍ୟ କରୁଥିବାରୁ ଖରାଦିନରେ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ପାଣିର ଅଭାବ ପରିଲକ୍ଷିତ ହୋଇଥାଏ । ସେଥିପାଇଁ ସହରବାସୀଙ୍କୁ ପିଇବାପାଣି ଦିନତମାମ ପାଣି ଯୋଗାଇବା ଲାଗି ସହରାଞ୍ଚଳ ପିଏଚ଼ଡି ଦ୍ୱାରା ମେଗା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ପୌରପାଳ କହିଛନ୍ତି । ସୁବର୍ଣ୍ଣରେଖା ନଦୀ ଶର୍ଯ୍ୟାର ଶାସନବାର୍ଡ ଠାରେ ଏକ କୂପ ଖନନ କରାଯାଇ ପାନୀୟ ଜଳ ସଂଗ୍ରହ କରାଯିବ । ଏହି ପାଣିକୁ ପାଇପ ଦ୍ୱାରା ଶାନ୍ତିଆ ପର୍ଯ୍ୟନ୍ତ ଅଣା ଯିବାପରେ ଦିଘି ଠାରେ ଏହାକୁ ବିଶୁଦ୍ଧ କରାଯାଇ ସହରର ସମସ୍ତ ଓ୍ୱାର୍ଡକୁ ୨୪ ଘଣ୍ଟିଆ ପାନୀୟଜଳ ଯୋଗାଣ ହେବ । ଏଥିଲାଗି ୨୪.୨୬ କୋଟି ଟଙ୍କା ମଞ୍ଜୁର ହୋଇ ଠିକାଦାର ସହିତ ଚୁକ୍ତି ହେଇଥିବା ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ସେହିପରି ପାଣି ବିଶୋଧନ ପରେ ଏହାକୁ ସହରର ପ୍ରତ୍ୟେକ ଘରକୁ ଯୋଡିବା ଲାଗି ୯.୩୫ କୋଟି ଟଙ୍କାର ଅନ୍ୟଏକ ପ୍ରକଳ୍ପର କାର୍ଯ୍ୟର ଡ୍ରଇଂ ଓ ଡିଜାଇନର କାର୍ଯ୍ୟ ଶେଷ ହୋଇଥିବାବେଳେ ଠିକାଦାର ସହିତ ଖୁବଶୀଘ୍ର ଚୁକ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି । ୧୮ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି । ଏହି ମେଗା ପ୍ରକଳ୍ପ ଚ଼ାଲୁ ହେଲ ୩୫ ହଜାରରୁ ଅଧିକ ସହରବାସୀ ସବୁବେଳେ ବିଶୁଦ୍ଧ ପିଇବା ପାଣି ପାଇପାରିବେ ବୋଲି ପୌରପାଳ କହିଛନ୍ତି । ତେଣୁ ସମ୍ପୃକ୍ତ ବିଭାଗ ଦ୍ରୁତ ବେଗରେ କାର୍ଯ୍ୟ କରିବାକୁ ସାଧାରଣରେ ଦାବି କରାଯାଇଛି ।

## ଗାବ୍ରିଏଲା ଡେମେଟ୍ରିଏଡସ୍ ସହିତ ନିର୍ବନ୍ଧ ଘୋଷଣା କଲେ ଅର୍ଜୁନ

### ସିନେମାଫିନେମା ଟିଭିଫିବି



ଅଭିନେତା ଅର୍ଜୁନ ରାମପାଲ ନିଶ୍ଚିତ କରିଛନ୍ତି ଯେ ସେ ଦୀର୍ଘକାଳୀନ ସାଥୀ ଗାବ୍ରିଏଲା ଡେମେଟ୍ରିଏଡସ୍ ସହିତ ନିର୍ବନ୍ଧ କରିଛନ୍ତି । ତେବେ ରିଆ ଚ଼କ୍ରବର୍ତ୍ତୀଙ୍କ ପଡକାଷ୍ଟରେ ଏକ ଆଲୋଚ଼ନା ସମୟରେ ସମ୍ପର୍କ ଏବଂ ବିବାହ ବିଷୟରେ ଆଲୋଚ଼ନା ଅପ୍ରତ୍ୟାଶିତ ଭାବରେ ନିଶ୍ଚିତକରଣକୁ ନେଇଥିଲା ।

ଆଦାନପ୍ରଦାନ ସମୟରେ, ଗାବ୍ରିଏଲା ପ୍ରେମ ଏବଂ ଅଭିଭାବକତ୍ୱ ବିଷୟରେ ସ୍ପଷ୍ଟ ଭାବରେ କହିଥିଲେ, 'ପ୍ରେମ ସର୍ତ୍ତାବଳୀ ସହିତ ଆସେ । ଯଦି ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଉପାୟରେ ଆଚ଼ରଣ କରେ, ତେବେ ସେମାନେ ମୋର ଅନୁମୋଦନ କିମ୍ବା ପ୍ରେମ ପାଆନ୍ତି । କିନ୍ତୁ ଯେତେବେଳେ ଆପଣଙ୍କର ଏକ ସନ୍ତାନ ହୁଏ, ତେବେ ଆପଣ ତାହା କରିପାରିବେ ନାହିଁ, ଠିକ୍ ?' ସେ ଆହୁରି ମଧ୍ୟ କହିଥିଲେ, 'ଏପରି ନୁହେଁ ଯେ ମୁଁ ତାଙ୍କ ପଛରେ ଯାଉଛି କାରଣ ସେ ପ୍ରକୃତରେ ହଟ୍, କିମ୍ବା ମୁଁ ଆଶା କରେ ଯେ ସେ ମୋ ବିଷୟରେ ଏପରି କହି ନାହାଁନ୍ତି ।'

ରାମପାଲ ହାସ୍ୟରସ ସହିତ ଉତ୍ତର ଦେଇ କହିଲେ, 'ମୁଁ ତାଙ୍କ ପଛରେ ଥାଏ କାରଣ ସେ ହଟ୍ ଥିଲେ । ତା'ପରେ ମୁଁ ଅନୁଭବ କଲି ଯେ ଏଥିରେ ହଟ୍‌ନେସ୍ ବ୍ୟତୀତ ଆଉ କିଛି ଅଧିକ ଅଛି ।' ଗାବ୍ରିଏଲା ଯେତେବେଳେ କହିଥିଲେ, 'ଆମେ ଏବେ ବିବାହ କରିନାହୁଁ, କିନ୍ତୁ କିଏ ଜାଣେ ?' ସେତେବେଳେ ନିର୍ବନ୍ଧ କଥା ପ୍ରକାଶ ପାଇଲା, ଯେଉଁଥିରେ ରାମପାଲ ତୁରନ୍ତ କହିଲେ, 'ଆମେ ନିର୍ବନ୍ଧ କରିଛୁ,' ଚ଼କ୍ରବର୍ତ୍ତୀଙ୍କୁ ସ୍ପଷ୍ଟ ଭାବରେ ଆଶ୍ଚର୍ଯ୍ୟ କରିଦେଲେ ।

## ଆଜିର ରାଶିଫଳ

| ତାରିଖ | ସୋମବାର–ଏକାଦଶୀ |
|---|---|
| ୧୫.୧୨.୨୦୨୫ | ନକ୍ଷତ୍ର– ଚିତ୍ରା, ତୁଳାଚନ୍ଦ୍ର |

| | |
|---|---|
| ମେଷ | : ପାରିବାରିକ ଖୁସି ମିଳିବ। |
| ବୃଷ | : ବନ୍ଧୁ ସାହାଯ୍ୟ ମିଳିପାରେ। |
| ମିଥୁନ | : କାର୍ଯ୍ୟହାନି ଘଟିପାରେ। |
| କର୍କଟ | : ମନସ୍ତାପ ହୋଇପାରେ। |
| ସିଂହ | : ଅର୍ଥ ଲାଭ ମିଳିପାରେ। |
| କନ୍ୟା | : ସତର୍କ ରୁହନ୍ତୁ |
| ତୁଳା | : ମିଷ୍ଟାନ୍ନ ଭୋଜନ ମିଳିପାରେ |
| ବିଛା | : ଦୁର୍ଘଟଣା ଭୟ ରହିଛି। |
| ଧନୁ | : ଅର୍ଥପ୍ରାପ୍ତି ଘଟିପାରେ। |
| ମକର | : କର୍ମେ ସଫଳ ମିଳିବ। |
| କୁମ୍ଭ | : ସହଯୋଗ ବୃଦ୍ଧି ମିଳିପାରେ। |
| ମୀନ | : ଅସ୍ଥିରତା ଲାଗିପାରେ। |

# ପ୍ରଧାନଶିକ୍ଷକଙ୍କ ଅବହେଳା: ନବୋଦୟ ପରୀକ୍ଷାରୁ ବଞ୍ଚିତ ଛାତ୍ରୀ

**୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନବୋଦୟ ପରୀକ୍ଷା ଦେବା ପାଇଁ ୩ ମାସ ପୂର୍ବେ ଫର୍ମ ପୂରଣ କରି ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ହସ୍ତାନ୍ତର କରିବା ପରେ ଜଣେ ୫ମ ଶ୍ରେଣୀଛାତ୍ରୀ ଶେଷ ମୁହୂର୍ତ୍ତରେ ଆଡ଼ମିଟ କାର୍ଡ ନପାଇ ନବୋଦୟ ପରୀକ୍ଷାରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଏହାର ତଦନ୍ତ ପାଇଁ ହିନ୍ଦୋଳ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ନେଇ ଜଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ ହିନ୍ଦୋଳ ଏନ୍ଏସି ୮ ନଂ ୱାର୍ଡ ଗୁଣ୍ଡିଚା ମଣ୍ଡପ ସାହିର ଚଗଲା ବେହେରା ଓ କଳ୍ପନା ବେହେରାଙ୍କ ଝିଅ। ଆରତୀ ବେହେରା ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଅଟେ। ଅନୁଷ୍ଠିତ ହୋଇଯାଇଥିବା ନବୋଦୟ ପରୀକ୍ଷା ପାଇଁ ସେ ୩ ମାସ ପୂର୍ବେ ଆବଶ୍ୟକ ଫର୍ମ ପୂରଣ କରି ଶ୍ରେଣୀ ଶିକ୍ଷୟିତ୍ରୀ ଉପମା ଦିଦିଙ୍କୁ ହସ୍ତାନ୍ତର କରିଥିଲେ। ଏହି କିଛି ଦିନ ପୂର୍ବେ ଶ୍ରେଣୀର ଅନ୍ୟ କିଛି ଛାତ୍ରଛାତ୍ରୀ ଆଡ଼ମିଟ କାର୍ଡ ପାଇବାରୁ ଆରତୀ ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ନିଜ କାର୍ଡ ସମ୍ପର୍କରେ ପଚାରି ଥିଲେ। ତେବେ ଶିକ୍ଷୟିତ୍ରୀ ଜଣଙ୍କ ତାଙ୍କୁ ଅନ୍ୟମାନେ ଅନଲାଇନ୍ ଯୋଗେ ଆଡ଼ମିଟ କାର୍ଡ ପାଇଥିବାର କହିଥିଲେ। ତାଙ୍କୁ ପ୍ରକୃତ ଆଡ଼ମିଟ କାର୍ଡ ଦେବା ପାଇଁ ଆଶ୍ୱାସନା ମଧ୍ୟ ଦେଇଥିଲେ। ହେଲେ ଶୁକ୍ରବାର ୫ଟା ସୁଦ୍ଧା ଆରତୀଙ୍କୁ ଆଡ଼ମିଟ କାର୍ଡ ନମିଳିବାରୁ ସେ ମା କଳ୍ପନା ବେହେରାଙ୍କୁ ସଙ୍ଗରେ ଆଣି ଏନେଇ ତନାଘନା କରିଥିଲେ। ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ପଚାରିବାରେ ସେ ବିଦ୍ୟାଳୟର ପରୀକ୍ଷା ଦାୟିତ୍ୱରେ ଥିବା ସୌଭାଗ୍ୟ ସାରଙ୍କୁ କୁଆଡେ ସମସ୍ତ କାଗଜ ପତ୍ର ପ୍ରଦାନ କରିଥିବାର ସଫେଇ ଦେଇ ତାଙ୍କୁ ପଚାର ବୋଲି କହିଥିଲେ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ମଧ୍ୟ ସେ ଆଡୁ ଯେଉଁ ସବୁ କାର୍ଡ ଆସିଛି ସମସ୍ତ ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି ବୋଲି କହିବା ସହ ଦାୟିତ୍ୱରେ ଥିବା ସୌଭାଗ୍ୟ ସାରଙ୍କୁ



ପଚାରିବାକୁ କହିଥିଲେ। ଦାୟିତ୍ୱରେ ଥିବା ଶିକ୍ଷକ ଜଣଙ୍କ ଅଭିଯୋଗ କାରିଣୀ କଳ୍ପନାଙ୍କୁ ସେ ହସ୍ତଗତ ହୋଇଥିବା ୪୦ଟି ଫର୍ମରୁ ୪ଟି ବାହାର କରି ଦେଇ ଥିବା କହି ମୁଁ ଆଉ କିଛି କରି ପାରିବି ନାହିଁ କହି ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଏଥିରୁ କାହାର ଭୁଲ ପ୍ରଶ୍ନ ସାପେକ୍ଷ ? ଯେଉଁଠି ପାଇଁ ୫ମ ଶ୍ରେଣୀର ଛାତ୍ରୀ ଆରତୀ ଆଜି ନବୋଦୟ ପରୀକ୍ଷାରୁ ବଞ୍ଚିତ ରହିଲା। ଆଜି ନିର୍ଦ୍ଧାରିତ ସମୟ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଆସିଥିବା ପରୀକ୍ଷାର୍ଥୀମାନେ ଖୋସି ମନରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିବା ବେଳେ ବିଦ୍ୟାଳୟର ଏଥିରୁ ବଞ୍ଚିତ ଛାତ୍ରୀ ଆରତୀ ନିଜ ମା ସହିତ ବିଦ୍ୟାଳୟ ଫାଟକ ସମ୍ମୁଖରେ କାନ୍ଦୁ ଥିବାରୁ ଦେଖିବାକୁ ମିଳିଥିଲା। ଏହି ଘଟଣା ଏକ ଭାବା ବେଗ ପରିବେଶ ସୃଷ୍ଟି କରିଥିଲା। ଘଟଣାର ତଦନ୍ତ ସହିତ ଏହାର ସତ୍ୟା ସତ୍ୟ ଜାଣିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରେ ସେ ସୋମବାର ଏନେଇ ପଚ଼ରା ଉଚ଼ରା କରିବା ପରେ ପଦକ୍ଷେପ ନେବେ ବୋଲି କହିଥିଲେ।

## ଗୋଟିଏ ଅଟୋରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ



**ନିଆଳି, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ସ୍କୁଲରୁ ମୁହଁଫେରାଇ ପିଲାଙ୍କୁ ଭଲମଣିଷ ଭଲଶିକ୍ଷା ଦେବା ଓ ଭଲ ପରିବେଶରେ ପାଠ ପଢେଇବାକୁ ନେଇ ଅଭିଭାବକମାନେ ହଜାର ହଜାର ଟଙ୍କା ଖର୍ଚ୍ଚକରି ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ଯେଉଁଭଳି ଭାବରେ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଛନ୍ତି। ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଗତ ଶୁକ୍ରବାର ସରସ୍ୱତୀ ଶିଶୁ ମନ୍ଦିର ଆଗରେ ଏକ ପାସେଞ୍ଜେରୀ ଓଡି୦୫ବି ୨୮୯୦ ଅଟରେ ୧୮ଜଣ ଛାତ୍ରଛାତ୍ରୀ ବସିଥିବା ବେଳେ ଚାରିଜଣ ଛାତ୍ରଛାତ୍ରୀ ଗାଡ଼ିରେ ବସିବା ପାଇଁ ଚେଷ୍ଟା କରୁଥିଲେ। ହଠାତ୍ କ୍ୟାମେରା ଦେଖି ଡ୍ରାଇଭର ସେମାନଙ୍କୁ ଚଢ଼ାଇନଥିଲେ। ଏ ନେଇ ଗାଡିଚାଳକଙ୍କୁ ପଚାରିବାରୁ ୧୬ରୁ ୧୮ଜଣ ପିଲା ଦୈନନ୍ଦିନ ଯାତାୟତ କରନ୍ତି ବୋଲି କହିଛନ୍ତି। ଆଜି ଗାଡି ଖରାପ ହୋଇଥିବାରୁ ୨୦ରୁ ଉର୍ଦ୍ଧ୍ୱ ପିଲା ଯାଉଛନ୍ତି। ସୂଚନା ଥାଉକି ପରିବହନ ନିୟମ ଅନୁଯାୟୀ ଡ୍ରାଇଭର ସିମେତ ତିନିଜଣ ଯିବାପାଇଁ ନିୟମ ଥିବାବେଳେ ଏହାର ଛଅ ଗୁଣାରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନିଆଯାଉଛି। ଏ ନେଇ ଜିଲ୍ଲା ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନନେଲେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ କୌଣସି ପତିକ୍ରିୟା ଦେଇନାହାନ୍ତି।

## ନକଲି ସିମ୍ ବିକ୍ରି: ୨ ଜଣଙ୍କୁ ଧରିଲା ଦିଲ୍ଲୀ ପୋଲିସ

**ଭଣ୍ଡାରିପୋଖରୀ, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଞ୍ଜୁରୀରୋଡ ବଜାରରେ ମୋବାଇଲ ଦୋକାନ କରି ନକଲି ସିମ କାର୍ଡ ବିକ୍ରି କରୁଥିବା। ଦୋକାନୀ ସନ୍ତୋଷ ଖଣ୍ଡାଇଙ୍କୁ ଦିଲ୍ଲୀ ପୋଲିସ ଶୁକ୍ରବାର ଗିରଫ କରିଛି ସ୍ଥାନୀୟ ପୋଲିସ ସହାୟତାରେ ଗୁରୁବାର ଅପରାହ୍ନରେ ମନୋଜ କୁମାରଙ୍କ ନେତୃତ୍ୱରେ ଦିଲ୍ଲୀ ପୋଲିସର ଏକ ଦଳ ଅଭିଯୁକ୍ତ ସନ୍ତୋଷଙ୍କୁ ଥାନାକୁ ଆଣି ପଚ଼ରାଉଚ଼ରା କରିଥିଲା। ଶୁକ୍ରବାର ନକଲି ମୋବାଇଲ ବିକ୍ରି ଲିଙ୍କ୍‌ରେ ବନ୍ତ ସବଇନ୍ସପେକ୍ଟର ଥାନା ଅଞ୍ଚଳର ଗଡିଗହିଆ ତରାଗୋ ଗ୍ରାମର ଅଜୟ ଓରଫ ମହେଶ୍ୱର ପୁଷ୍ଟିଆଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଉଭୟଙ୍କୁ ଭଦ୍ରକ କୋର୍ଟର ଟ୍ରାଞ୍ଜିଟ ରିମାଣ୍ଡ ଅନୁମତି ଅନୁମତିରେ ଦିଲ୍ଲୀ ନିଆଯାଇଛି। ନୂତମତନ ସିମ କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଉପଯୋଗ କରି ସେହି ଗ୍ରାହକଙ୍କ ଅଜାଣତରେ ଏକକାଳୀନ ବହୁ ସିମ କାର୍ଡ ଆକ୍ଟିଭ କରାଯାଉଥିଲା।




ଆକ୍ଟିଭ ହୋଇଥିବା ଅନ୍ୟ ସିମ କାର୍ଡକୁ ଉଚ୍ଚ ଦରରେ ବେନାମୀ ଲୋକଙ୍କୁ ବିକ୍ରି କରାଯାଉଥିଲା ବୋଲି କୁହାଯାଇଛି। ଏଭଳି ବିକ୍ରି ହୋଇଥିବା ବେନାମୀ ସିମ କାର୍ଡ ଅପରାଧିକ କାର୍ଯ୍ୟରେ ଉପଯୋଗ ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ହୋଇଥିବା ଏକ ମାମଲାର ଅଭିଯୁକ୍ତ ଠାରୁ ସନ୍ତୋଷ ବିକ୍ରି କରିଥିବା ବେଆଇନ ସିମକାର୍ଡ ଜବତ ହେବା ପରେ ସନ୍ତୋଷ ପୋଲିସ ସ୍କାନରକୁ ଆସିଥିଲା। ସାହିନ ବାଗ ଥାନାରେ ଗିରଫ ହୋଇଥିବା ଅଭିଯୁକ୍ତ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବୋଲି ଜଣାଯାଇଛି।

## କୋର୍ଟ ନିର୍ଦ୍ଦେଶ ପରେ ଭାଙ୍ଗିଲା ଥାନା ପାଚେରୀ

**ବାରିପଦା, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲିସ ଷ୍ଟେସନ ଉପରେ ଚାଲିଲା ବୁଲ୍‌ଡୋଜାର। ଭାଙ୍ଗିଲା ଥାନା ପାଚେରୀ। ଲୋକଙ୍କ ଜାଗା ମାଡି ବସିଥିଲା ପୋଲିସ ବିଭାଗ। କୋର୍ଟ ନିର୍ଦ୍ଦେଶ ପରେ ବୁଲିଲା ବୁଲ୍‌ଡୋଜାର। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ସଦର ଥାନା ପରିସରରେ। ବାରିପଦା ତକତ୍‌ପୁର ଅଞ୍ଚଳରେ ରହିଛି ସଦର ଥାନା। ସଦର ଥାନା ପାଚେରୀ ନିର୍ମାଣ କରିବା ସମୟରେ ସ୍ଥାନୀୟ ବାସିନ୍ଦା ସଲିମ ଖାନ୍ ନାମକ ବ୍ୟକ୍ତିଙ୍କ ଘରକୁ ଯିବାକୁ ଥିବା ସରକାରୀ ରାସ୍ତାକୁ ଘେରିଦେଇଥିଲେ।

ଯାହା ଫଳରେ ସଲିମ୍ ଖାନଙ୍କ ଘରକୁ ଯିବାକୁ ରାସ୍ତା ବନ୍ଦ ହୋଇଯାଇଥିଲା। ସଲିମ୍ ଖାନ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ଶୁଣି ନ ଥିଲା ପୋଲିସ ବିଭାଗ। ଶେଷରେ କୋର୍ଟର ଆଶ୍ରୟ ନେଇଥିଲେ ସଲିମ୍ ଖାନ। ୨୦୧୮ ମସିହାରେ ଆଦାଲତ୍‌ରେ ମୟୁରଭଞ୍ଜ ଏସ୍‌ପି ଓ ଥାନା ଅଧିକାରୀ ବିରୋଧରେ ମାମଲା ଦାୟର କରିଥିଲେ ସଲିମ୍। ସେହି ମାମଲର ବିଚାର କରି ମାନ୍ୟବର କୋର୍ଟ ପାଚେରୀ ଭାଙ୍ଗି ସଲିମ ଖାନ ଘରକୁ ରାସ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରବିବାର କୋର୍ଟ ନିର୍ଦ୍ଦେଶ ମୁତାବକ ଥାନାର ପାଚେରୀ ଭଙ୍ଗା ଯାଇଥିଲା। ଏସ୍‌ପି ଓ ସଦର ଏସ୍‌ଡିପିଓଙ୍କ ଉପସ୍ଥିତିରେ ଏହି ପାଚେରୀ ଭଙ୍ଗା ଯାଇଛି ।

## ଧାନଖଳାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



**ବଲାଙ୍ଗୀର, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ଧାନ ଖଳାରେ ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ। ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଜଲିଆ ଗାଁର ଚାଷୀ ସୂର୍ଯ୍ୟନାରାୟଣ ନାଏକଙ୍କ ଧାନଖଳାରେ ଗଦା ହୋଇଥିବା ଧାନରେ ରାତିରେ ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ। ରବିବାର ମଧ୍ୟାହ୍ନରେ ଚାଷୀ ଖଳାରେ ନିଆଁ ଲାଗିଥିବା ଜାଣିବା ପରେ ଦେଓଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀର ଦୁଇଟି ଗାଡି ନିଆଁ ଲିଭାଇବାରେ ଲାଗିଛନ୍ତି। କିନ୍ତୁ ୯୦ ଶତକଡ଼ା ଧାନ ପୋଡ଼ିଯାଇଛି। ପ୍ରାୟ ୬ ଶହ ବସ୍ତା ଧାନ ହୋଇଥାନ୍ତା। ଧାରଉଧାର କରି ଚାଷ କରିଥିବା ଚାଷୀ ଉପରେ ଚଡ଼କ ପଡ଼ିଛି। ସ୍ଥାନୀୟ ଆମ୍ ଆଦମୀ ପାର୍ଟିର ନେତା ଆଶିଷ ପାଣ୍ଡେ ନିଆଁ ଲାଗିଥିବା ଧାନଖଳାରେ ପହଞ୍ଚି ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

## ଧାନକିଣାରେ ସରକାରଙ୍କ ବଡ ଷଡଯନ୍ତ୍ର ଅଭିଯୋଗ

### ପୂର୍ବତନ ସାଂସଦଙ୍କ ଆନ୍ଦୋଳନ ଚେତାବନୀ

**ବଲାଙ୍ଗିର, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ସମେତ ପଶ୍ଚିମ ଓଡିଶାର ଚାଷୀଙ୍କ ଧାନ ଅମଳ ହେବାପରେ ମଧ୍ୟ ମଣ୍ଡି ଖୋଲି ସରକାର ଧାନ କିଣୁନାହାଁନ୍ତି । ମଣ୍ଡି ନଖୋଲି ଧାନ ନକିଣିବା ସରକାରଙ୍କର ଏକ ବଡ ଷଡଯନ୍ତ୍ର ବୋଲି ଅଭିଯୋଗ ଉଠାଇଛନ୍ତି ବଲାଙ୍ଗୀରର ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର। ତେଣୁ ପଶ୍ଚିମାଞ୍ଚଳର ସମସ୍ତ ଚାଷୀ ଏକ ହୋଇ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ରବିବାର ସ୍ଥାନୀୟ ଏସଜେ ରିଜେନ୍ସୀ ହୋଟେଲ ଠାରେ କୋସଲୀ କିଷାନ ସଭା ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଶ୍ରୀ ମିଶ୍ର କହିଲେ ଯେ, ଚାଷୀମାନେ ଗତ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଧାନ ଅମଳ କରି ଖରାରେ ସୁଖାଉଛନ୍ତି। ଡିସେମ୍ବର ୧୪ ତାରିଖ ସୁଦ୍ଧା ଜିଲ୍ଲାରେ ଧାନମଣ୍ଡି ଖୋଲାଯାଇନାହିଁ। ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇ ନାହିଁ। ଏପରିକି ମାତ୍ର ୧୦ ପ୍ରତିଶତ ଚାଷୀଙ୍କର ଟୋକନ ଆସିଛି। ଯେଉଁମାନଙ୍କର ଟୋକନ ଆସିଛି ସେମାନେ ମଣ୍ଡିକୁ ଧାନ ନେଲେ କିଣାଯାଉନାହିଁ। ସେଥିପାଇଁ ଚାଷୀମାନେ ଧାରକରଜ କରି କରିଥିବା ଚାଷର ଫସଲକୁ କମ ଦରରେ ଦଲାଲଙ୍କ ପାଖରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବରଗଡ ଜିଲ୍ଲାରେ ଚାଷୀମାନେ ତାତିଲେଣି ଓ ଆନ୍ଦୋଳନକୁ ଓହ୍ଲାଇଲେଣି। ତେଣୁ ପଶ୍ଚିମ ଓଡିଶାର ସମସ୍ତ ଚାଷୀ ଓ ସଂଗଠନମାନେ ଏକ ହୋଇ ସବୁ ଜିଲ୍ଲାରେ ଆନ୍ଦୋଳନ କରନ୍ତୁ ବୋଲି ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ଜିଲ୍ଲାରେ ଆସନ୍ତା ୫ ଦିନ ମଧ୍ୟରେ ମଣ୍ଡି ଖୋଲି ଧାନ କିଣା ନଗଲେ ଚାଷୀଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବୁ ଓ ସେଥିପାଇଁ ଯଦି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତାହେଲେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଖୋଲା ଚେତାବନୀ ଦେଇଛନ୍ତି।

ଶ୍ରୀ ମିଶ୍ର ଆହୁରି କହିଲେ ଯେ, ବିଗତ ବର୍ଷମାନଙ୍କରେ ଚଷିଙ୍କ ସୁଖିଲା ଧାନରୁ ୫ କେଜି ଲେଖାଏଁ ମଣ୍ଡିକଟ କରାଯାଇଥିଲା। ଯାହାକି ଚାଷୀଙ୍କ କଷ୍ଟଲବ୍ଧ ଫସଲରୁ ଲୁଟ ବୋଲି କୁହାଯିବ। ସରକାର ଇନପୁଟ ଏସିଷ୍ଟାନ୍ସ ଦେଉଛନ୍ତି କିନ୍ତୁ ଏପଟେ କ୍ୱିଣ୍ଟାଲ ପିଛା ୫ କିଲୋ ଧାନ କାଟିଛନ୍ତି। ଫଳରେ ଚାଷୀଙ୍କ ମୁଣ୍ଡରେ କ୍ଷତି ଜବରଦସ୍ତି ଲଦି ଦିଆଯାଉଛି। ଆଗକୁ କୋସଲୀ କିଷାନସଭା ପକ୍ଷରୁ ଚାଷୀଙ୍କୁ ଏକଜୁଟ କରି ଆନ୍ଦୋଳନକୁ ଓହ୍ଲାଇବୁ ଓ ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଚାଷୀ ଏକ ହୋଇ ଲଢେଇ କରିବାକୁ ବାଳଗୋପାଳ ଆହ୍ୱାନ ଦେଇଥିଲେ। ଠିକ ସେହିପରି ବଲାଙ୍ଗୀର ଜିଲ୍ଲାରେ ଚାଷୀଙ୍କ ସମସ୍ୟାକୁ ସରକାର ଅଣଦେଖା କରିଚାଲିଛନ୍ତି। ଜିଲ୍ଲାରେ ଜଳସେଚନ ହାର ବଢି ପାରୁନାହିଁ। ବଲାଙ୍ଗୀର ସହର ମଧ୍ୟରେ ଗୋଟିଏ ସମୟରେ ଆଦର୍ଶ ବଗିଚାରେ କୃଷି ଗବେଷଣା କରାଯାଉଥିଲା। ବିଭିନ୍ନ ପ୍ରଜାତିର ଫଳଗଛ, ଫୁଲଗଛ ତଥା ଫସଲମାନଙ୍କୁ ନେଇ ଗବେଷଣା କରାଯାଉଥିଲା। କିନ୍ତୁ, ଆଜି ବଲାଙ୍ଗୀର ଅବହେଳିତ ହୋଇ ପଡିରହିଛି। କୃଷି ବିଶ୍ୱବିଦ୍ୟାଳୟ ବଲାଙ୍ଗୀରର ନ୍ୟାର୍ଯ୍ୟ ଦାବି। କିନ୍ତୁ ବଲାଙ୍ଗୀରର ଦୁର୍ବଳ ନେତୃତ୍ୱ ଯୋଗୁଁ ତାହା ହୋଇପାରୁନାହିଁ। ଯଦି ବଲାଙ୍ଗୀରରେ ଏହା ସ୍ଥାପନ ନହେଲା ତାହେଲେ ଆଗାମୀ ଭବିଷ୍ୟତର ପିଢୀ ସେହି ନେତାଙ୍କୁ କ୍ଷମା କରିବେ ନାହିଁ ବୋଲି ପୂର୍ବତନ ସାଂସଦ ଶ୍ରୀ ମିଶ୍ର କହିଥିଲେ।

## ପ୍ରେମିକାର ବେକ କାଟିବା ସହ ନିଜ ବେକ କାଟିଲା ପ୍ରେମିକ



**ଫୁଲବାଣୀ, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରେମରେ ବିଫଳ ହେବା ପରେ ପ୍ରେମିକର ଉନ୍ମାଦ୍‌ତ କାଣ୍ଡ। ବାହା ହେବାକୁ ରାଜି ନହେବାରୁ ନିଜ ବେକ କାଟିବା ସହ ପ୍ରେମିକାର ବେକ କାଟିଲା ପ୍ରେମିକ। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରରେ। ଭଞ୍ଜନଗର ବଣିପଲ୍ଲି ଗାଁର ଶୁଭମ ସ୍ୱାଇଁ ଓ ଫୁଲବାଣୀର ଜଣେ ଯୁବତୀ ୩ ବର୍ଷ ଧରି ପ୍ରେମ ସମ୍ପର୍କରେ ଥିଲେ। ଉଭୟ ବିବାହ କରିବାକୁ ସ୍ଥିର କରିଥିଲେ। ହେଲେ ପ୍ରେମିକା ପାଇଁ ଅନ୍ୟ ପ୍ରସ୍ତାବ ଆସିବାରୁ ପ୍ରେମିକା ରାଜି ହୋଇଯାଇଥିଲା। ଏହା ଜାଣି ପାରି ପ୍ରେମିକ ଶୁଭମ ପ୍ରେମିକାର ଘରେ ପହଞ୍ଚି ଥିଲା। ବାହା ହେବା ପାଇଁ ଅଡି ବସିଥିଲା ପ୍ରେମିକ। ହେଲେ ପ୍ରେମିକା ରାଜି ନହେବାରୁ ନିଜ ବେକ ଓ ହାତକୁ କାଟିବା ସହ ପ୍ରେମିକାର ବେକ କାଟିଥିଲା ଶୁଭମ। ସ୍ଥାନୀୟ ଲୋକେ ପ୍ରେମିକକୁ ଅଟକ ରଖି ପୋଲିସର ଜିମା ଦେଇଛନ୍ତି। ଉଭୟ ପ୍ରେମିକ ପ୍ରେମିକା ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

## କୋଟଗଡ଼ରେ ହାତୀ ଆତଙ୍କ

**ବାଲିଗୁଡ଼ା, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କୋଟଗଡ଼ ଅଭୟାରଣ୍ୟରେ ଦେଖିବାକୁ ମିଳିଛି ହାତୀ ଆତଙ୍କ। ଗତ ଦୁଇଦିନ ଧରି କୋଟଗଡ଼ ବନାଞ୍ଚଳର ଲାସେରୀ ଓ ଦୁର୍ଗାପାଙ୍ଗା ସେକ୍ସନର କିଛି ଅଞ୍ଚଳରେ ଉତ୍ପାତ କରୁଛନ୍ତି ୮ଟିକିଆ ହାତୀପଲ। ରାୟଗଡ଼ା ଜିଲା ଚନ୍ଦ୍ରପୁର ଅଞ୍ଚଳରୁ ୮ଟିକିଆ ହାତୀପଲ ଲାସେରୀ ଓ ଦୁର୍ଗାପାଙ୍ଗା ଅଞ୍ଚଳକୁ ପଶି ଆସିଥିବା ବେଳେ ଅଞ୍ଚଳର କିଛି ଚାଷୀଙ୍କ କପା, ବିରି, ମୁଗ ଆଦି ଫସଲ ହାତୀପଲ ନଷ୍ଟ କରିଥିବା ସୂଚନା ମିଳିଛି। ସେପଟେ ହାତୀର ଗତିପଥ ଉପରେ ତୀକ୍ଷ୍ଣ ନଜର ରଖିବା ସହ ହାତୀ ଘଉଡ଼ାଇବାକୁ ବନ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ଅନ୍ୟପଟେ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ସହ କ୍ଷୟକ୍ଷତିର ଆକଳନ କରୁଛି ବନବିଭାଗ।

## ଓଜନରେ ଠକେଇ ନେଇ ମାଛ ମାର୍କେଟରେ ଚଢ଼ାଉ



**ଜଳେଶ୍ୱର, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ସହରରେ ସଠିକ୍ ଓଜନ ମାପ ନେଇ ଗ୍ରାହକମାନେ ବ୍ୟାପକ ଠକେଇର ଶୀକାର ହୋଇଥାନ୍ତି। ତେଣୁ ଶୁକ୍ରବାର ମଧ୍ୟାହ୍ନରେ ଜଳେଶ୍ୱର ସହର ମଧ୍ୟରେ ଥିବା ମାଛ ମାର୍କେଟରେ ପୌରପାଳିକା ପକ୍ଷରୁ ଓଜନ ଓ ମାନ ବିଭାଗ, ଖାଦ୍ୟ ନିରାପତ୍ତା ଓ ଜଳେଶ୍ୱର ପୋଲିସ୍‌ର ମିଳିତ ଚଢ଼ାଉ କରାଯାଇଥିଲା। ବିଭିନ୍ନ ସମୟରେ କ୍ରମାଗତଭାବେ ଓଜନ ମେସିନ୍‌ରେ ଜାଲିଆତି, ମାଛରେ ବିଷାକ୍ତ ନିଷିଦ୍ଧ କେମିକାଲ ବୋଳାଯିବା, ବିଶାକ୍ତ ପଚାମାଛ ବିକ୍ରିହେବା ଓ ମାଛ ବଜାର ଦୂଷିତ ହେବା ସଂପର୍କରେ ବହୁ ଅଭିଯୋଗ ହେଉଥିବାରୁ ଆଜି ଏପରି ଚଢ଼ାଉ କରାଯାଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ସୂଚନା ଦେଇଛନ୍ତି। ମାଛ ବ୍ୟବସାୟ କରୁଥିବା ଦୋକାନୀମାନେ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ କରୁଥିଲେ ମଧ୍ୟ ଟ୍ରେଡ ଲାଇସେନ୍ସ କରୁନଥିବା ଜଣାଯାଇଛି। ତେଣୁ ଆଜି ସେମାନଙ୍କ ଠାରୁ ଯୋରିମାନା ଆଦାୟ କରାଯିବା ସହିତ ଦୁଇଜଣ ବ୍ୟବସାୟୀଙ୍କ ଉପରେ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଚଢ଼ାଉରେ ଖାଦ୍ୟନିରାପ ଅଧିକାରୀ ଶଶୀକାନ୍ତ ବେହେରା, ଓଜନ ଓ ମାପ ବିଭାଗ ଇନ୍ସପେକ୍ଟର ଚିନ୍ମୟ ଦେ ଓ ଏନ୍‌ଫୋର୍ସଅମେ ଟିମ୍ ସହିତ ଆଇଆଇସି ଅଶୋକ ବାରିକ ପ୍ରମୁଖ ସାମିଲ ଥିଲେ।

## ବିଧବା ବୃଦ୍ଧାଙ୍କୁ ଅସଦାଚରଣ

**ମାହାଙ୍ଗା, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା ଅଧିନ ମାହାଙ୍ଗା ଗ୍ରାମର ଜୈନିକ ଯୁବକ ବିଧିବା ବୃଦ୍ଧାଙ୍କୁ ଅସଦାଚରଣ ଉଦ୍ୟମ କରି କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ଗତ ୧୦ ତାରିଖ ବୁଧବାର ରାତ୍ର ୧୧ଟା ସମୟରେ ନିର୍ମଳ ଚନ୍ଦ୍ର ରଣା ତାଙ୍କ ପଡୋଶୀ ବିଧିବା ବୃଦ୍ଧା ଶୋଇଥିବା ସମୟରେ ଘର ର କବାଟ ଭାଙ୍ଗି ବୃଦ୍ଧାଙ୍କୁ ଅସଦାଚରଣ କରିଥିଲେ । ଯାହାକୁ ନେଇ ବିଧବା ବୃଦ୍ଧା ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ମାହାଙ୍ଗା ଥାନା ଆଇଆଇସି ତପନ କୁମାର ରାଉତ ନିର୍ମଳଙ୍କ ଘରୁ ଗିରଫ କରିଥିଲେ । ଥାନା କେସ ନଂ ୩୧୯/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନିର୍ମଳ କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଦିଗମ୍ବର ମୁଦୁଲି ସୁଚନା ଦେଇଛନ୍ତି ।

## ଶିଳ୍ପାଞ୍ଚଳରେ ‘ମେଘା ଜଳ ପ୍ରକଳ୍ପ’ ଏକ ବିଫଳ ସ୍ୱପ୍ନ

**କଳିଙ୍ଗନଗର, ୧୪।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଲୋକଙ୍କ ପିଇବା ପାଣି ସମସ୍ୟା ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଆରମ୍ଭ ହୋଇଛି। ଏହି ସମସ୍ୟା ଦୃଷ୍ଟିରେ ରଖି, ପୂର୍ବ ବିଜେଡି ସରକାର ରାଜ୍ୟର ବିଭିନ୍ନ ଅଞ୍ଚଳ ସହିତ ଦାନଗଦି ବ୍ଲକରେ ମେଘା ଜଳ ପ୍ରକଳ୍ପ ଯୋଜନା ଆରମ୍ଭ କରିଥିଲେ। ସରକାର ଏହି ପ୍ରକଳ୍ପ ପାଇଁ ଗୋଟିଏ ବ୍ଲକକୁ ୨୦୦–୩୦୦ କୋଟି ଟଙ୍କା ବ୍ୟୟ କରିଥିଲେ। ଲକ୍ଷ୍ୟ ଥିଲା ପ୍ରତ୍ୟେକ ଗ୍ରାମ ଓ ସହରୀୟ ଅଞ୍ଚଳରେ ଲୋକମାନଙ୍କୁ ସ୍ୱଚ୍ଛ ପିଇବା ପାଣି ଅବାଧ ପ୍ରଦାନ କରିବା। ମେଘା ଜଳ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ହେଉଥିବା ପାଣି ସଂକଟ ଦୂର କରିବା। ଏହି ପ୍ରକଳ୍ପ ଅନ୍ତର୍ଗତ, ପାଣି ସଂଗ୍ରହ, ଟାଙ୍କି ନିର୍ମାଣ ଏବଂ ଡିଲିଭେରି ପାଇଁ ନୂଆ ପାଇପ୍ ଲାଗାଯିବାକୁ ପ୍ରବୋଧାନ ଥିଲା। ପୂର୍ବ ସରକାର ନିଶ୍ଚିତ କରିଥିଲେ, ଲୋକଙ୍କୁ ସ୍ୱଚ୍ଛ ପିଇବା ପାଣି ବିନା ବାଧାରେ ପ୍ରଦାନ କରାଯିବ। କିନ୍ତୁ ପ୍ରକଳ୍ପର ଲାଗୁ କରାଯାଇବା ସମୟରେ ଗଭୀର ଅସଂଗଠନ ଏବଂ ଅନୁପାୟୋଗୀ ପଦ୍ଧତି ପ୍ରକଟ ହୋଇଛି। ଠିକାଦାରମାନେ କାମ ଅଧା କରି ବିଲ ଉଠାଇବାରେ ବିଭାଗୀୟ ଅଧିକାରୀ ସହଯୋଗ କରିଥିବା ଅଭିଯୋଗ ହେଉଛି। କିଛି ଗ୍ରାମରେ ପାଣି ଟାଙ୍କି, ରାସ୍ତା ଖୋଲି ପାଇପ ବିଚ଼ାଇବାରେ ଅଧାରୁ ଅଟକିଛି କାର୍ଯ୍ୟ ଯାହା ଲୋକଙ୍କ ଦୁଃଖ ଦୂର କରିପାରିନି। ରାସ୍ତାଘାଟ ତାଡ଼ି, ନିମ୍ନମାନର ପଦାର୍ଥ ବ୍ୟବହାର କରି ଟାଙ୍କି ନିର୍ମାଣ କରାଯିବାର ଫଳରେ ଲୋକଙ୍କ ପାଖରେ ପାଣି ମିଳିବାରେ ବିଫଳତା ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅନୁସାରେ, ‘ପାଣି ଟାଙ୍କି ଦଣ୍ଡାୟମ ଥିଲେ ମଧ୍ୟ, ପାଣି ନାହିଁ। ଠିକାଦାର ମାଲାମାଲ, ଅନେକ ବ୍ଲକରେ ମଧ୍ୟ ଅଧା କାମ ପକାଇ ଠିକାଦାର ଛୁ ମାରି ପଳାଇ ଯାଇଛି।’ ଛାତ୍ରଛାତ୍ରୀ, ମହିଳା ଏବଂ ବୟସ୍କ ଲୋକଙ୍କ ଦୈନିକ ଜୀବନ ଏହି କ୍ଷେତ୍ରରେ ଗଭୀର ପ୍ରଭାବିତ ହୋଇଛି। ଗ୍ରାମୀଣ ଏବଂ ସହରୀୟ ଅଞ୍ଚଳରେ ପାଣି ସଂକଟ ଏପରି ହେବାରୁ ଅନେକ ଶିଶୁ ଏବଂ ବୟସ୍କଙ୍କୁ ପାଣିଜନିତ ରୋଗର ସମ୍ଭାବନା ବଢ଼ିଛି। ଜଳ ପ୍ରଦୂଷଣ ବ୍ୟାପକ ହେବାରୁ କିଡ଼ନୀ, କ୍ୟାନ୍ସର, ହାଟ ଚୋକ ଭଳି ମାରାତ୍ମକ ରୋଗରେ ପୀଡିତ ଶିଳ୍ପାଞ୍ଚଳ ବାସୀ। ବର୍ତ୍ତମାନ ସରକାର ପାଣି ଯୋଜନାକୁ ପୁନର୍ମୂଲ୍ୟାୟନ କରିଛନ୍ତି। ତଥାପି ଲୋକଙ୍କ ପୂର୍ବ ଦୁଃଖ ଦୂର କରି ପାରିନି। ନୂତନ ସରକାର ମଧ୍ୟ ଠିକାଦାର ନିର୍ଦ୍ଦେଶନ ଓ ନିରୀକ୍ଷଣରେ ଅସଫଳ ହେବାର ଫଳରେ, ଲୋକଙ୍କ ପରିସ୍ଥିତିରେ କୌଣସି ସୁଧାର ଆସୁ ନାହିଁ। ସ୍ଥାନୀୟ ମହିଳାଙ୍କ କହିବା ଅନୁସାରେ, ‘ଯୋଜନା ଥିଲା, କିନ୍ତୁ କାମ ଏପରି ହେଲା ଯେ ଠିକାଦାର ଓ ବିଭାଗୀୟ ଅଧିକାରୀ ଅସାଧୁ ମେଣ୍ଟ ଅଧା କାମ କରି ଠିକାଦାର ବିଲ ଟଙ୍କା ନେଇ ଛୁ ଲୋକମାନଙ୍କ ଥିବା ପାଣି ସମସ୍ୟା ଦୂରାହେଲା ନାହିଁ। ଏହି ପ୍ରକଳ୍ପ ଲୋକଙ୍କର ଆଶାକୁ ନିରାଶାରେ ପରିଣତ କରିଛି।’ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଦାନଗଦି ବ୍ଲକର ପିଇବା ପାଣି ସମସ୍ୟା ଏକ ସମ୍ବୋଧନୀୟ ମାମଲା। ଲୋକଙ୍କ ଦୈନିକ ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବା ସହ, ପୂର୍ବ ବିଜେଡି



ସରକାର ନିଆଯିଥିବା ମେଘା ଜଳ ପ୍ରକଳ୍ପ ଏବେ ସମ୍ଭାଧାନ ନିଷ୍ପତ୍ତିରେ ବିଫଳ। ଠିକାଦାର ଓ ଅଧିକାରୀଙ୍କର ଅସାଧୁ ମେଣ୍ଟ, ନିମ୍ନମାନର କାର୍ଯ୍ୟ ପ୍ରବନ୍ଧନ ଏବଂ ଲୋକଙ୍କ ଦୃଢ଼ ଆଶାର ଭାଙ୍ଗିବାରେ ମୁଖ୍ୟ କାରଣ ହୋଇଛି। ସାଧାରଣ ନିବାସୀ ଏବଂ ସମାଜସେବୀଙ୍କର ଅନୁରୋଧ, ସରକାର ଏହାକୁ ଗୁରୁତ୍ୱ ଦିଅନ୍ତୁ ଓ ଲୋକଙ୍କ ପାଇଁ ପାଣି ଉପଲବ୍ଧ କରାନ୍ତୁ, ନହେଲେ ଶିଳ୍ପାଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶରେ ଗଭୀର ପ୍ରଭାବ ପଡ଼ିବ। କଳିଙ୍ଗନଗରରେ ପିଇବା ପାଣି ସମସ୍ୟା, ଲୋକଙ୍କ ଦୈନିକ ଦୁଃଖ ମେଘା ଜଳ ପ୍ରକଳ୍ପର ଶୁଭାରମ୍ଭ, ବିଜେଡି ସରକାରର ପ୍ରତିଶ୍ରୁତି, ପ୍ରତି ବ୍ଲକ ପାଇଁ ୨୦୦ରୁ ୩୦୦ କୋଟିର ବ୍ୟୟ କାର୍ଯ୍ୟର ଭିତରୁ ଠିକାଦାର, ଅଧିକାରୀ ଓ ରାଜନେତାଙ୍କ ଅସାଧୁ ମେଣ୍ଟ ରାସ୍ତାଘାଟ ତାଡ଼ିବା, ଖୋଳିବା ବିପଦ ସୃଷ୍ଟି କରି ଛାଡି ଚାଲି ଯାଇଛି। ବେକାର ନିମ୍ନମାନର, ପାଇପ୍, ବ୍ୟବହାର ପଦାର୍ଥ ହୋଇଛି। ‘ପାଣି ଟାଙ୍କି ଦଣ୍ଡାୟମ, କିନ୍ତୁ ପାଣି ନାହିଁ’ ବିଲ ଉଠାଇ ଅଧା କାମ କରି ଠିକାଦାର ପଳାଇବାରୁ ଗାଁରେ ନାରୀ–ଶିଶୁଙ୍କ ଦୈନିକ ଜଳଯନ୍ତ୍ରଣା ବୃଦ୍ଧି ପାଉଛି। ସରକାର ବଦଳିଲା, ଲୋକଙ୍କୁ ଦୁଃଖ ସରିଲା ନାହିଁ। ପ୍ରଶାସନୀୟ ନୀରବତା ସାଧାରଣ ଉଠୁଛି ପ୍ରଶ୍ନ ? ଶିଳ୍ପାଞ୍ଚଳରେ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଇବାରୁ ଡାଇରିଆ, କିଡନୀ, ପାଣିଜନିତ ସଂକ୍ରମଣ ରୋଗରେ ଛାତ୍ରଛାତ୍ରୀ, କର୍ମଜିବିଙ୍କ ଦୁର୍ଦ୍ଦଶା ବଢୁଛି। ଶିଳ୍ପାଞ୍ଚଳ ହୋଇଥିଲେ ମଧ୍ୟ ସ୍ୱଚ୍ଛ ପିଇବା ପାଣିର ଆଭାବ ମେଘା ଜଳ ପ୍ରକଳ୍ପ ଏକ ବିଫଳ ସ୍ୱପ୍ନ, ଲୋକଙ୍କ ଆଶା–ଆକାଂକ୍ଷା–ବିଶ୍ୱାସରେ ଆଘାତ। ସରକାର ମେଘା ଜଳ ପ୍ରକଳ୍ପ କରିଥିବା ପ୍ରକଳ୍ପ ବିଫଳତା ପାଇଁ ଠିକାର ଓ ଅଧିକାରୀଙ୍କ ବେଆଇନ କାଯ୍ୟ ଓ ମନମାନି ପାଇଁ ଲୋକଙ୍କ ପାଖରେ ସ୍ୱଚ୍ଛ ନିର୍ମଳ ପାଣି ପହଞ୍ଚି ପାରିଲାନାହିଁ। ଏଥିପାଇଁ ସାଧାରଣରେ ଠିକାର ଓ ଅଧିକାରୀଙ୍କ ବେଆଇନ କାଯ୍ୟକୁ ବିଧିବଦ୍ଧ ଭାବରେ ତଦନ୍ତ ପରିସରକୁ ଆଣି ଆଇନ ଅନୁସାରେ କଠୋର ଦଣ୍ଡ ଦେବାକୁ ବିଭାଗୀୟ ମନ୍ତ୍ରୀ କାଯ୍ୟନୁଷ୍ଠାନ ନେବାକୁ ଦାବି ହେଉଛି। ସରକାର ଥିବା ଅସୁବିଧାକୁ ଦୂର କରି ତୁରନ୍ତ କଳିଙ୍ଗନଗରବାସୀଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଇବାକୁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜୋହର ହେଉଛି।

: ଆଜିକାଲି ଅଧିକାଂଶ ଶିଳ୍ପ ସଂସ୍ଥାରେ ମାନବ ସମ୍ବଳର ବିନିଯୋଗ କମ୍ କରାଯାଉଛି । ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ରୋବୋଟିକ୍ ଜ୍ଞାନକୌଶଳର ବ୍ୟବହାର ମାନବସମ୍ବଳର ଆବଶ୍ୟକତାକୁ କମେଇ ଦେଇଛି । ତେଣୁ ରାଜ୍ୟ ଶିଳ୍ପ ସମୃଦ୍ଧ ହେଲେ ଯେ ବେକାରୀ କମିବ ଏବଂ ଦକ୍ଷ ପ୍ରଶିକ୍ଷିତ ଯୁବକ ଯୁବତୀମାନେ ସେସବୁ ଶିଳ୍ପ ସଂସ୍ଥାରେ କର୍ମନିଯୁକ୍ତି ପାଇବେ ଏଭଳି ସମ୍ଭାବନା ଖୁବ୍ କମ୍ ରହିଛି । ତେଣୁ ସରକାର ନିଜେ ମଧ୍ୟ କିଛି କିଛି ଶିଳ୍ପ ପ୍ରତିଷ୍ଠା କରନ୍ତୁ । ତାଲା ପଡ଼ିଥିବା ଶିଳ୍ପ ସଂସ୍ଥାଗୁଡ଼ିକର ତାଲା ଖୋଲିବାକୁ ଚେଷ୍ଟା କରନ୍ତୁ । ଆମ ରାଜ୍ୟ ପାଇଁ କୃଷିଭିତ୍ତିକ ଶିଳ୍ପର ଆବଶ୍ୟକତା ଅଧିକ ରହିଛି– ଯେମିତି କି ସୂତାକଳ, ଚିନି ଏବଂ ତେଲ କଳ । ଏସବୁ ଶିଳ୍ପ କୃଷିକୁ ସମୃଦ୍ଧ କରିବା ସହିତ ରୋଜଗାର ମଧ୍ୟ ବଢ଼ାଇ ପାରିବ । ନିଯୁକ୍ତି ସୃଷ୍ଟି କରିପାରିବ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୫ ଡିସେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍


## ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ଥାଇ ଯୁବକ-ଯୁବତୀ ବେକାର!

ରାଜ୍ୟର ବେକାରୀ ସମସ୍ୟା ଦୂର କରିବା ପାଇଁ ସରକାର ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିପାଇଁ ନିୟୋଜିତ ସଂସ୍ଥା ତାଲିମ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ନେଉଛନ୍ତି । ହେଲେ ତାଲିମ ପରେ ବି ଅନେକ ଯୁବକ-ଯୁବତୀ ବେକାର ଥିବାର ଜଣାଯାଇଛି, ସେମାନଙ୍କୁ ନିଯୁକ୍ତି ମିଳୁନାହିଁ । ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ୍ ୮୨ଟି ଦକ୍ଷତା କେନ୍ଦ୍ର ସରକାରଙ୍କର ଦ୍ୱାରା ପ୍ରତିଷ୍ଠା କରାଯାଇଛି । ଏହାଛଡ଼ା ୧୩୭ଟି ବେସରକାରୀ ତାଲିମ କେନ୍ଦ୍ରରେ ସରକାରୀ ସହାୟତାରେ ଚାକିରି ଆଶାୟୀ ଯୁବକ ଯୁବତୀଙ୍କୁ ତାଲିମ ଦିଆଯାଉଛି । ରାଜ୍ୟର ଯୁବକ ଯୁବତୀମାନଙ୍କୁ ଅଧିକରୁ ଅଧିକ ସ୍ୱାବଲମ୍ବୀ ଓ ନିଯୁକ୍ତିକ୍ଷମ କରିବା ପାଇଁ ତାଲିମ କେନ୍ଦ୍ରଗୁଡ଼ିକରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଦ୍ୱାରା ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି । ୨୦୧୧-୧୨ରୁ ଚାଲିଥିବା ଏ ତାଲିମ ପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିଥାନ୍ତି । ତାଲିମ ଶେଷ ହେବା ପରେ ନିଯୁକ୍ତି ପାଇଁ ଉପଯୁକ୍ତ ଶିଳ୍ପ ସଂସ୍ଥାକୁ ପ୍ରଶିକ୍ଷାର୍ଥୀଙ୍କ ନାମ ପଠାଯାଏ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଯୁବବର୍ଗଙ୍କ ଦକ୍ଷତା ବିକାଶ ତାଲିମ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଅନେକ ଯୁବକ-ଯୁବତୀ ଚାକିରି ନ ପାଇ ବେକାର ଥିବାର ଜଣାଯାଇଛି । ୨୦୧୧-୧୨ରୁ ୨୦୨୫-୨୬ ଅଦ୍ୟାବଧି ୧୪ ବର୍ଷରେ ୧ଲକ୍ଷ ୪୭ହଜାର ୬୨୭ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ମାତ୍ର ୪୩,୭୦୪ଜଣଙ୍କୁ ନିଯୁକ୍ତି ମିଳିଛି ।

ପ୍ରଶ୍ନ ଉଠୁଛି ଯେଉଁସବୁ ଆବଶ୍ୟକତାକୁ ଆଖିରେ ରଖି ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ସେଇଭଳି ଶିଳ୍ପ ଆମ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି କି? ପିଲାଙ୍କୁ ପ୍ରଶିକ୍ଷଣ ଦେବା ପୂର୍ବରୁ ଚିନ୍ତା କରିବା ଉଚିତ୍ ପ୍ରଶିକ୍ଷଣ ପ୍ରାପ୍ତ ପିଲାଏ କେଉଁଠି ନିଯୁକ୍ତି ପାଇବେ? ଅନ୍ୟ ରାଜ୍ୟର ଶିଳ୍ପ ସଂସ୍ଥାକୁ ଆଖିଆଗରେ ରଖି ଆମ ରାଜ୍ୟରେ ଦକ୍ଷ ମାନବ ସମ୍ବଳ ତିଆରି କଲେ ଲାଭ କ'ଣ ହେବ? ଦକ୍ଷତାର ଶ୍ରେୟ ତ ଅନ୍ୟ ରାଜ୍ୟକୁ ଚାଲିଯିବ । ତା'ଛଡ଼ା ଅନ୍ୟ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକ ଆମ ରାଜ୍ୟର ପିଲାଙ୍କୁ ଯେ ଅଗ୍ରାଧିକାର ଦେବେ ଏହାର କ'ଣ କୌଣସି ମାନେ ଅଛି? ତେଣୁ ଆମ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକର ଆବଶ୍ୟକତାକୁ ଦେଖି ପିଲାଙ୍କୁ ପ୍ରଶିକ୍ଷଣ ଦେବା ଦରକାର ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି– ବାହାର ରାଜ୍ୟ ଏବଂ ଦେଶରୁ ଯେଉଁ ଶିଳ୍ପୋଦ୍ୟୋଗୀମାନେ ଆସୁଛନ୍ତି ଆମ ରାଜ୍ୟକୁ ଏବଂ ଯେଉଁମାନଙ୍କୁ ଆମ ରାଜ୍ୟ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଉଛି ସେମାନେ ଆମ ରାଜ୍ୟର ପିଲାଙ୍କୁ ସେସବୁ ସଂସ୍ଥାରେ କେତେ ନିଯୁକ୍ତି ଦେଉଛନ୍ତି ଏବଂ ଦେବେ ସେଇଟା ହିଁ ମୂଳ ପ୍ରଶ୍ନ । ସେମାନଙ୍କ ସହିତ ସେଭଳି କୌଣସି ଚୁକ୍ତି କରାଯାଉଛି କି?

ଆଜିକାଲି ଅଧିକାଂଶ ଶିଳ୍ପ ସଂସ୍ଥାରେ ମାନବ ସମ୍ବଳର ବିନିଯୋଗ କମ୍ କରାଯାଉଛି । ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ରୋବୋଟିକ୍ ଜ୍ଞାନକୌଶଳର ବ୍ୟବହାର ମାନବସମ୍ବଳର ଆବଶ୍ୟକତାକୁ କମେଇ ଦେଇଛି । ତେଣୁ ରାଜ୍ୟ ଶିଳ୍ପ ସମୃଦ୍ଧ ହେଲେ ଯେ ବେକାରୀ କମିବ ଏବଂ ଦକ୍ଷ ପ୍ରଶିକ୍ଷିତ ଯୁବକ ଯୁବତୀମାନେ ସେସବୁ ଶିଳ୍ପ ସଂସ୍ଥାରେ କର୍ମନିଯୁକ୍ତି ପାଇବେ ଏଭଳି ସମ୍ଭାବନା ଖୁବ୍ କମ୍ ରହିଛି । ତେଣୁ ସରକାର ନିଜେ ମଧ୍ୟ କିଛି କିଛି ଶିଳ୍ପ ପ୍ରତିଷ୍ଠା କରନ୍ତୁ । ତାଲା ପଡ଼ିଥିବା ଶିଳ୍ପ ସଂସ୍ଥାଗୁଡ଼ିକର ତାଲା ଖୋଲିବାକୁ ଚେଷ୍ଟା କରନ୍ତୁ । ଆମ ରାଜ୍ୟ ପାଇଁ କୃଷିଭିତ୍ତିକ ଶିଳ୍ପର ଆବଶ୍ୟକତା ଅଧିକ ରହିଛି– ଯେମିତି କି ସୂତାକଳ, ଚିନି ଏବଂ ତେଲ କଳ । ଏସବୁ ଶିଳ୍ପ କୃଷିକୁ ସମୃଦ୍ଧ କରିବା ସହିତ ରୋଜଗାର ମଧ୍ୟ ବଢ଼ାଇ ପାରିବ । ନିଯୁକ୍ତି ସୃଷ୍ଟି କରିପାରିବ ।

# ତୀବ୍ର ଶତ୍ରୁତା: ମୂଳମନ୍ତ୍ର କିନ୍ତୁ ସନ୍ଧି

[illegible]

**କଳିରେ ପାଠ କୁହନ୍ତୁ, ଖେଳ କୁହନ୍ତୁ, ଦାମ୍ପତ୍ୟ ଜୀବନ କୁହନ୍ତୁ, ଯିଏ କଳିପାରୁଛି ସେ ଚଳିପାରିଛୁ, ବଳିପାରୁଛି, ଗଳିପାରୁଛି ଅର୍ଥାତ୍ ଗଳିପଶି ନିଜର କାମଟି ସୁରୁଖୁରୁରେ କରିପାରିପାରୁଛି ବା କରାଇପାରୁଛି । ପୁରାଣରେ ବଳୀ ରାଜା ଅହଂକାର ଦେଖାଇଥିଲେ ବୋଲି ଭଗବାନ ତାକୁ ପାଦରେ ଚାପିଦେଇଥିଲେ । ମାତ୍ର କଳିରେ? ଗର୍ବ କରୁଥିଲେ ହେଁ ଜଣେ ଯଦି ନିଜର ଚାରିପଟକୁ କଳିପାରିଲା ଆଉ କିଳିପାରିଲା ତେବେ ଖର୍ବ ହେବାର ଚାନ୍ସ ତ ନାହିଁ ବରଂ ସର୍ବପ୍ରକାରର ପ୍ରଶଂସା ଏବଂ ସମର୍ଥନ ତା' ଅଣ୍ଟିରେ ଅଜାଡ଼ି ହୋଇପଡୁଛି । ରାଜନୈତିକ ନେତାମାନଙ୍କ କଥା ଆଉ ଜୀବନଶୈଳୀକୁ ଲକ୍ଷ୍ୟ କଲେ ଏକଥାର ପ୍ରମାଣ ସହଜରେ ମିଳିପାରିବ ।**

ଜଣେ ବରିଷ୍ଠ କଂଗ୍ରେସ ନେତା ଥରେ ମତେ ରାଜନୀତିର ସଂଜ୍ଞା କ'ଣ ବୋଲି ପଚାରିଥିଲେ ।

ମୁଁ କହିଥିଲି– ଆବଶ୍ୟତାର ଅନ୍ୟନାମ ହିଁ ରାଜନୀତି । ସେ ମୋ' ସହିତ ଏଥିରେ ଏକମତ ହୋଇଥିଲେ ।

ରାଜନୀତି ଏପରି ଏକ ନୀତି ଯୁକ୍ତ ଶବ୍ଦ ଯେଉଁଥିଲେ ନୀତିର ଅସ୍ତିତ୍ୱ ଖୋଜି ପାଇବା ମୁସ୍କିଲ । ଆବଶ୍ୟକତା ସବୁ ଉଦ୍ଭାବନର ଜନନୀ । ତେଣୁ ରାଜନୀତିକୁ ଅନେକେ ଅନାବଶ୍ୟକତାର ଏକ ପ୍ରୟୋଗଶାଳା– ଗବେଷଣାଗାର ବୋଲି କୁହନ୍ତି । ଏଠି କୌଣସି ସିଦ୍ଧାନ୍ତ ପାଇଁ ନିର୍ଦ୍ଦିଷ୍ଟ କିଛି ଫର୍ମୁଲା ନାହିଁ । ଏଥିରେ ତୀବ୍ର ଶତ୍ରୁତା– ବ୍ୟାପକ ସଂଗ୍ରାମ– ଜୋରଦାର ମୁକାବିଲା, ହେଲେ ମୂଳମନ୍ତ୍ର କିନ୍ତୁ ସନ୍ଧି । ସନ୍ଧି ପ୍ରସ୍ତାବ କେତେବେଳେ ଆସିବ, କେଉଁଠୁ ଆସିବ, କାହାଠୁ ଆସିବ ସେକଥା ଜନତା ଜାଣିପାରନ୍ତି ନାହିଁ ।

କାଲି ଯାହାର ଛାଇ ପଡ଼ିଲେ ଯା'ର ନାହି ଡେଉଥିଲା ଆଜି ସିଏ ତା' ଛାଇ ତଳେ ବସି ଥକା ମେଣ୍ଟାଉଛି । ଏଇ ପରିପ୍ରେକ୍ଷୀରେ ବେଶ୍ କିଛିବର୍ଷ ତଳର ମାୟାବତୀଙ୍କ ଏକ ଆଚରଣ ମନେପଡୁଛି । ୨୪ ଘଣ୍ଟା ପୂର୍ବରୁ ବିଜେପି ସହ ସରକାରରେ ଥିବା ମାୟାବତୀ ଇସ୍ତଫା ଦେବା ପରେ ୟୁପିରୁ ବିଜେପିକୁ ମୂଳପୋଛ କରିବା ପାଇଁ ଶପଥ ନେଇଥିଲେ । ଠିକ୍ ସେହିପରି ଏବେ ସମାଜବାଦୀ ପାର୍ଟିକୁ ତୀବ୍ର ବିରୋଧ କରୁଥିବା ବିଜେପି ସେତେବେଳେ ମୁଲାୟମ ସିଂହଙ୍କୁ ଆଗକୁ ଛାଡ଼ିଦେଇ ମାୟାବତୀଙ୍କ ସଫାୟା ପାଇଁ ବାଟ ସଫା କରିଦେଇଥିଲା ।

କେବଳ ଯେ ଉତ୍ତରପ୍ରଦେଶରେ ଆବଶ୍ୟକତାକୁ ଚାହିଁ ରାଜନୈତିକ ନେତାମାନେ ପଟ୍ଟ ପରିବର୍ତ୍ତନ କରିଛନ୍ତି ବା କରୁଛନ୍ତି ତା'ନୁହେଁ, ପଞ୍ଜାବ, ସିନ୍ଧୁ, ଗୁଜରାଟ, ମରାଠା, ଦ୍ରାବିଡ଼ ଉତ୍କଳ ବଙ୍ଗ– ବିନ୍ଧ୍ୟ ହିମାଚଳ, ଯମୁନା ଗଙ୍ଗା ସର୍ବତ୍ର ଏହି ରାଜନୈତିକ ରଙ୍ଗ ! ଏ ଧାରା କାଶ୍ମୀରଠୁ କନ୍ୟାକୁମାରୀ ଯାଏଁ ସବୁଠି ବଳବତ୍ତର । ରାଜନୀତି ଏକ ଲାଭଜନକ ବ୍ୟବସାୟ। ଏଥିରେ ଯେତେ ପୁଞ୍ଜି ଖଟେଇବ ସେତେ ମୁନାଫା ପାଇବ । ଓଡ଼ିଶାରେ ବିଧାୟକ, ମନ୍ତ୍ରୀଙ୍କ ବିପୁଳ ବେତନ ବୃଦ୍ଧିକୁ ନେଇ ଏବେ ଏଇଧରଣର ଆଲୋଚନା । ତେବେ ଏ ବ୍ୟବସାୟରେ ସାଧାରଣ ଲୋକଙ୍କ ସହ କିଣାବିକା ହୁଏନା । ଏହାର ନିର୍ଦ୍ଦିଷ୍ଟ ଗରାଖ ଅଛନ୍ତି । ଠିକ୍ ଷ୍ଟକ୍ ମାର୍କେଟ ପରି । ମଉକା ଦେଖି ସେୟାର (ଅଂଶଧନ) କିଣି ସୁବିଧା ଦେଖି ବିକିପାରିଲେ ରାତାରାତି କୋଟିପତି । ଯିଏ ମଉକା ଅପେକ୍ଷାରେ ଥିବ ସିଏ ନୀତି ନିୟମକୁ କାହିଁକି ଗୁରୁତ୍ୱ ଦେବ? ତା'ପାଇଁ ଆବଶ୍ୟକତା ସବୁଠାରୁ ବଡ଼ ନୀତି– ସ୍ୱରକ୍ଷଣ ସବୁଠାରୁ ବଡ଼ ନୈତିକତା । ଏ ସୁଯୋଗ ରାଜନୀତିରେ ଯେତେ ମିଳେ ଅନ୍ୟ କେଉଁଥିରୁ ମିଳେନି । ନହେଲେ ଏ ଦେଶର ଲକ୍ଷ ଲକ୍ଷ ଲୋକ କାମଦାମ କିଛି ନକରି କ'ଣ ରାଜନୀତିରେ ମାତିଥାନ୍ତେ?

ଏବେ ବିଧାୟକଙ୍କ ଦରମା ୩-୪ ଲକ୍ଷ ହେବା ପରେ ଆହୁରି ଅନେକ ଲୋକ ରାଜନୀତିରେ ପଶିବାକୁ ଇଚ୍ଛା କରିବେଣି । ତେବେ ମନ୍ତ୍ରୀ, ବିଧାୟକଙ୍କ ଦରମା ବହୁତ ବଢ଼ିଗଲା ବୋଲି ଯେଉଁମାନେ ସମାଲୋଚନା କରିଛନ୍ତି, ସେମାନେ ଗୋଟିଏ କଥା ମନେରଖିବା ଉଚିତ୍ ଯେ ଗୋଟିଏ ଗୋଟିଏ ଲାଭଜନକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଥିବା ବଡ଼ସ୍ତରର ଅଫିସର ଲକ୍ଷାଧିକ ଟଙ୍କା ବେତନ ପାଉଥିବାରୁ ଗୋଟେ ନିର୍ବାଚନ ମଣ୍ଡଳୀର ଲକ୍ଷାଧିକ ଲୋକଙ୍କ ହାନିଲାଭ ବୁଝୁଥିବା ଜଣେ ବ୍ୟକ୍ତି ସେଇ ତୁଳନାରେ ଅଧିକ ବେତନ ପାଇବା ଉଚିତ୍ ନୁହେଁ କି? ସେମାନେ ଯେତେ ଅଧିକ ପାଇବେ ଲୋକଙ୍କ କଥା ସେତେ ଅଧିକ ବୁଝିବେ । ଏଥିରେ ଡବଲ ଫାଇଦା । ଦେଉଥିବା ଲୋକର ଲାଭ, ନେଉଥିବା ଲୋକର ବି ଲାଭ ।

### ଯିଏ କଳିପାରୁଛି ସିଏ ଚଳିପାରୁଛି...

ମୁଁ ଅନେକଥର କହିଛି କଳିଯୁଗ ହେଲା କଳିପାରିବାର ଯୁଗ । ଏ ଯୁଗରେ ଯିଏ କଳିପାରିଲା ସିଏ ଚଳିପାରିଲା । ଏହା କେମିତି?

ସତ୍ୟ ହେଉ ବା ତ୍ରେତା ଅଥବା ଦ୍ୱାପର ହେଉ ଏଇଆ କଲେ ଏଇଆ ହୁଏ, ଏପରି ବ୍ୟବସ୍ଥା ସେତେବେଳେ ପ୍ରଚଳିତ ଥିଲା । ଅର୍ଥାତ୍ ପାପ କଲେ ନର୍କ ଯନ୍ତ୍ରଣା ବା ଯମଦଣ୍ଡ, ଗର୍ବ କଲେ ଖର୍ବ ହେବାର ଅନ୍ତିମ ପରିଣତି କିମ୍ବା ଧର୍ମକାର୍ଯ୍ୟ ଦ୍ୱାରା ପୁଣ୍ୟ ଅର୍ଜନ, ଏସବୁ ସ୍ୱୀକୃତ ବିଧି ଭାବେ ପ୍ରଚଳିତ ଥିଲା । କଳିରେ ଏସବୁ ନାହିଁ । ଏ ଯୁଗରେ ଯିଏ କଳିପାରିଲା ସିଏ ଅନ୍ୟଠୁ ବଳି ପାଇଲା, ଭଲରେ ଚଳିପାରିଲା...

ଗୋଟିଏ ଉଦାହରଣ– ଧରାଯାଉ ଆପଣ କୌଣସି ସରକାରୀ ଅଫିସ୍‌ରେ କାମ କରନ୍ତି । ଆପଣ ଏପରି ଏକ ଦାୟିତ୍ୱରେ ଅଛନ୍ତି ଯେଉଁଠି ଦରମା ଟଙ୍କା ଛଡ଼ା କଣା ପଇସାଟିଏ ମିଳିବା ମୁସ୍କିଲ । ହେଲେ ଏ ଅଫିସ୍‌କୁ କାମ ପାଇଁ ଦୌଡୁଥିବା ଲୋକର ଆବଶ୍ୟକତା ଏବଂ ସ୍ଥିତି ଯଦି ଆପଣ କଳିପାରିଲେ ତେବେ ଟଙ୍କା ପଇସାରେ ପୋତି ହୋଇଯିବେ ।

ଭୋଟ୍‌ରେ ପ୍ରାର୍ଥୀ ହୋଇଛନ୍ତି, ଭୋଟ୍‌ଦାତାଙ୍କ ମନ ଓ ବିରୋଧୀ ଦଳର ଧନ ଯଦି କଳିପାରିଲେ ତେବେ ବିଜୟ ହାତପାଆନ୍ତାରେ । ସେହିପରି ପ୍ରେମରେ ପ୍ରେମିକ ଯଦି ପ୍ରେମିକାର ମନ ଏବଂ ପ୍ରେମିକା ପ୍ରେମିକର ଧନ କଳିପାରିଲା ତେବେ ସଫଳ ଦାମ୍ପତ୍ୟଜୀବନ ସୁନିଶ୍ଚିତ ।

ବ୍ୟବସାୟିକ ଦୁନିଆରେ ବିଜ୍ଞାପନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାର ମୂଳ ଉଦ୍ଦେଶ୍ୟ କ'ଣ? କ୍ରେତାଙ୍କୁ କଳିପାରିବାର କୌଶଳ। ବ୍ୟବସାୟରେ ଗରାଖଙ୍କ ମନ ଆଉ ଧନ କଳିପାରିଥିବା ବ୍ୟବସାୟୀ କୋଟିପତି ହୋଇଥିବାର କୋଟି କୋଟି ନଜିର ଅଛି ।

କଳିରେ ପାଠ କୁହନ୍ତୁ, ଖେଳ କୁହନ୍ତୁ, ଦାମ୍ପତ୍ୟ ଜୀବନ କୁହନ୍ତୁ, ଯିଏ କଳିପାରୁଛି ସେ ଚଳିପାରିଛୁ, ବଳିପାରୁଛି, ଗଳିପାରୁଛି ଅର୍ଥାତ୍ ଗଳିପଶି ନିଜର କାମଟି ସୁରୁଖୁରୁରେ କରିପାରିପାରୁଛି ବା କରାଇପାରୁଛି । ପୁରାଣରେ ବଳୀ ରାଜା ଅହଂକାର ଦେଖାଇଥିଲେ ବୋଲି ଭଗବାନ ତାକୁ ପାଦରେ ଚାପିଦେଇଥିଲେ । ମାତ୍ର କଳିରେ? ଗର୍ବ କରୁଥିଲେ ହେଁ ଜଣେ ଯଦି ନିଜର ଚାରିପଟକୁ କଳିପାରିଲା ଆଉ କିଳିପାରିଲା ତେବେ ଖର୍ବ ହେବାର ଚାନ୍ସ ତ ନାହିଁ ବରଂ ସର୍ବପ୍ରକାରର ପ୍ରଶଂସା ଏବଂ ସମର୍ଥନ ତା' ଅଣ୍ଟିରେ ଅଜାଡ଼ି ହୋଇପଡୁଛି । ରାଜନୈତିକ ନେତାମାନଙ୍କ କଥା ଆଉ ଜୀବନଶୈଳୀକୁ ଲକ୍ଷ୍ୟ କଲେ ଏକଥାର ପ୍ରମାଣ ସହଜରେ ମିଳିପାରିବ ।

କଳିରେ ଯୋଜନାଠାରୁ ନେଇ ଯୌବନ ଯାଏଁ ସବୁକିଛି ଅଟକଳକୁ ଆଧାର କରି ଚାଲିଛି । ବିନା ଅଟକଳରେ ପତ୍ର ହଲୁନି କି ପତ୍ର (ପ୍ରେମ) ମିଳୁନି ।

ଅନେକ ଲୋକ ରାଜନୀତି କରୁଛନ୍ତି, ବ୍ୟବସାୟ କରୁଛନ୍ତି, ଚାକିରି କରୁଛନ୍ତି, ସିନେମା କରୁଛନ୍ତି, ପାଠ ତ ପଢୁଛନ୍ତି ହେଲେ ସମସ୍ତେ ଶିଖରକୁ ଯାଇପାରୁଛନ୍ତି କି? ସେଇମାନେ ଯାଉଛନ୍ତି ଯେଉଁମାନେ ପରିସ୍ଥିତି, ପରିବେଶ ଓ ପାରିଲାପଣକୁ କଳିପାରୁଛନ୍ତି ।

କଳିକାଳରେ ପାପ, ଅଧର୍ମ, ଅନ୍ୟାୟ, ହିଂସା, କ୍ରୋଧ, ମାୟା, କାୟା ବିସ୍ତାର କରିଥିବାରୁ ଉତ୍ତମ ଲୋକଙ୍କ ପାଇଁ ଏ ଯୁଗରେ ସ୍ଥାନ ନାହିଁ ବୋଲି ଯେଉଁମାନେ କହୁଛନ୍ତି ସେମାନେ ଅସଲ ରହସ୍ୟ କେଉଁଠି ଜାଣିପାରୁନାହାନ୍ତି । ଯିଏ ଏ ରହସ୍ୟ ଭେଦ କରୁଛି କଳି ତା'ର ବୋଲ ମାନୁଛି । ଏ ରହସ୍ୟ ଆଉ କିଛି ନୁହେଁ ପୂର୍ବ ବର୍ଣ୍ଣିତ ଧନ ଆଉ ମନ କଳିପାରିବାର ଯୋଗ୍ୟତା, ଦକ୍ଷତା ଏବଂ ପାରଦର୍ଶିତା । ଏ ତିନୋଟିକୁ ଆୟତ୍ତ କରି ଧନ-ମନକୁ କଳିପାରିଲେ ଜଣେ ସବୁପ୍ରକାର ନୈତିକ ବାଧାକୁ ଅତିକ୍ରମ କରି ସଫଳତାର ଦ୍ୱାରଦେଶରେ ପହଞ୍ଚିପାରିବ ବୋଲି ମୋର ବିଶ୍ୱାସ ।

# ଯାତ୍ରୀଙ୍କୁ ବିମାନ ଯନ୍ତ୍ରଣା

■ ସୌଭାଗ୍ୟ ରଞ୍ଜନ ମହାନ୍ତି ■

ସାଂପ୍ରତିକ ସମୟରେ ସମୟର ସଦୁପଯୋଗ ଦୃଷ୍ଟିରୁ ସମଗ୍ର ବିଶ୍ୱରେ ବିମାନ ପରିବହନ ଅତ୍ୟନ୍ତ ଗୁରୁତ୍ୱ ବହନ କରିଛି, ଏଥିରେ ସନ୍ଦେହର ଅବକାଶ ନାହିଁ । ଆମ ଦେଶରେ ବିମାନ ସେବା ଯେ, କେତେ ଗୁରୁତ୍ୱ ବହନ କରିଛି। ତାହା ଏକ ଘରୋଇ ଏୟାର ଲାଇନସ୍‌ର ବିମାନ ଉଡାଣ ବାତିଲ ଘଟଣା ସ୍ପଷ୍ଟ ସୂଚନା ପ୍ରଦାନ କରେ। ଉଲ୍ଲେଖଯୋଗ୍ୟ ଯେ, ଦେଶର ସର୍ବବୃହତ ଘରୋଇ ବିମାନସେବା ସଂସ୍ଥା ଇଣ୍ଡିଗୋ ଗତ କିଛି ଦିନ ଧରି ପର୍ଯ୍ୟାୟ କ୍ରମେ ୧୦୦୦ରୁ ଉର୍ଦ୍ଧ୍ୱ ବିମାନ ବାତିଲ ଯୋଗୁଁ ଦେଶର ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଅଟକି ରହିନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏପରି ସେମାନଙ୍କୁ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୁବିଧା, ସୁଯୋଗ ତଥା ଖାଦ୍ୟ, ପାନୀୟ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା ଯୋଗାଇ ନଥିବା ଅଭିଯୋଗ ହୁଏ । ବିମାନ ବନ୍ଦରର ବିଶ୍ରାମ କକ୍ଷ୍ୟ କେବଳ ଯାତ୍ରୀଙ୍କ ଲଗେଜରେ ଭରପୁର ହୋଇଯାଇଥିବା ବେଳେ ବସିବାକୁ ସ୍ଥାନ ଟିକିଏ ମିଳିନଥିବା କହୁଯାଏ। କହିବା ବାହୁଲ୍ୟ ଯେ, ଏକ ନବ ଦମ୍ପତି ବିମାନ ବନ୍ଦରରେ ଅଟକି ରହିବା ଯୋଗୁଁ ସେମାନଙ୍କର ରିସେପସନ୍‌ରେ ଉପସ୍ଥିତ ହୋଇନପାରି ଆଭାସୀରେ ଯୋଗ ଦେଇଥିଲେ। ସେହିପରି ଜଣେ ମହିଳା ନିଜ ପରଲୋକଗତ ପିତାଙ୍କ ଅସ୍ଥି ବିସର୍ଜନ ପାଇଁ ଯାଉଥିବାବେଳେ ବିମାନ ବନ୍ଦରରେ ଅସ୍ଥି କଳସ ଧରି ଅଟକି ରହିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଚିକିତ୍ସା ପାଇଁ, ନିଜ ଅଫିସ କାର୍ଯ୍ୟରେ ଏବଂ ପରୀକ୍ଷା ଦେବା ପାଇଁ ଯାଉଥିବା ଯାତ୍ରୀମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ। ଦେଶର ସର୍ବବୃହତ ଘରୋଇ ଏୟାରଲାଇନସ୍ ଭାବେ ପରିଚିତ ଇଣ୍ଡିଗୋ'ର ୬୫ପ୍ରତିଶତ ବିମାନ ସେବା ପୁରଣ କରିଥିବାବେଳେ ଅବଶିଷ୍ଟ ୩୫ପ୍ରତିଶତ ଅନ୍ୟ ଘରୋଇ ଏୟାର ଲାଇନସ୍ ପୁରଣ କରିଥାନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। 'ବେଡି ଉପରେ କୋରଡା ମାଡ' ଦେଶରେ ବିମାନ ଭଡା ଆକାଶଛୁଆଁ ହେବା। ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଅଟକି ରହି ଅକଥନୀୟ ଦୁର୍ଦ୍ଦଶା ମଧ୍ୟରେ ଥିବାବେଳେ ପରିସ୍ଥିତିରୁ ଫାଇଦା ଉଠାଇ ଅନ୍ୟ ଏୟାର ଲାଇନସ୍ ଗୁଡିକ ଯାତ୍ରୀ ଭଡା ଆକାଶଛୁଆଁ କରିଛନ୍ତି। ଦିଲ୍ଲୀରୁ ଚେନ୍ନାଇ ଗୋଟିଏ ପଟ ଭଡା ୬୫ହଜାର ୯୮୫ ଟଙ୍କା ହୋଇଥିବାବେଳେ ଦିଲ୍ଲୀ ମୁମ୍ବାଇ ଭଡା ୪୦ହଜାର ଟଙ୍କା ହୋଇଥିଲା। ସେହିପରି ଦିଲ୍ଲୀ-କୋଲକତା ଭଡା ମଧ୍ୟ ୩୯ହଜାର ଥିବା ରିପୋର୍ଟ ପ୍ରକାଶ ପାଇଛି। ଘରୋଇ ବିମାନ ସେବା ସଂସ୍ଥାଗୁଡିକର ଅହେତୁକ ଭଡା ବୃଦ୍ଧି ଉପରେ କଟକଣା ଜାରି କରି ୫୦୦କିମି ପର୍ଯ୍ୟନ୍ତ ସର୍ବାଧିକ ୭୫୦୦ ଟଙ୍କା ଏବଂ ୧୫୦୦କିମିରୁ ଅଧିକ ଯାତ୍ରୀ ପାଇଁ ସର୍ବାଧିକ ୧୮ ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି। ଦୂରକୁ ଦେଖି ୪ ପ୍ରକାରର ଭଡା ଧାର୍ଯ୍ୟ ମଧ୍ୟ ଅଗ୍ରହଣୀୟ। ଆହୁରି ମଧ୍ୟ ଅଟକି ରହିଥିବା ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନେବା ପାଇଁ ଭାରତୀୟ ରେଳବାଇର ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏଥି ସହ ଯାତ୍ରୀମାନଙ୍କୁ ସେମାନଙ୍କ ଭଡା ଫେରାଇବାକୁ ଇଣ୍ଡିଗୋକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହା ନିସନ୍ଦେହ ଯେ, ଇଣ୍ଡିଗୋର ବିମାନ ସେବା ବାତିଲ ତଥା ଦୁର୍ଦ୍ଦଶା ପାଇଁ ଏହାର ପରିଚାଳନାଗତ ବିଫଳତା ଦାୟୀ ବୋଲି କୁହାଯାଇପାରିବ। ଏଭଳି ଘଟଣା ଇଣ୍ଡିଗୋ ପାଇଁ ନୂଆ ନୁହେଁ। ପୂର୍ବରୁ ଗତ ନଭେମ୍ବର ମାସରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଇଲଟ ଏବଂ କର୍ମଚାରୀଙ୍କ ପାଇଁ ଇଣ୍ଡିଗୋର ରୋଷ୍ଟର ଏବଂ ଅନ୍ୟାନ୍ୟ ଦୀର୍ଘଦିନର ଦାବି ପୂରଣରେ ଅବହେଳା ଆଜି ଇଣ୍ଡିଗୋ ସମୁହ ଲ୍ୟାଣ୍ଡିଂ ପାଇଁ ଦାୟୀ। ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପାଇଲଟଙ୍କ ପାଇଁ ଉଦ୍ଦିଷ୍ଟ ରୋଷ୍ଟର ନିୟମ ଅନୁଯାୟୀ ଜଣେ ପାଇଲଟ ଦିନରେ ସର୍ବାଧିକ ୮ରୁ ୧୦ଘଂଟା ବିମାନ ଉଡାଇବା ବ୍ୟବସ୍ଥା ରହିଛି। କିନ୍ତୁ ଜଣେ ପାଇଲଟ ବର୍ଷକୁ ୧୦୦୦ଘଂଟାରୁ ଅଧିକ ବିମାନ ଉଡାଇ ପାରିବେ ନାହିଁ ଏବଂ ଦୈନିକ ୧୨ରୁ ୧୩ଘଂଟା ବିଶ୍ରାମ ନେବା ବାଧ୍ୟତାମୂଳକ ରହିଛି। ରାତିରେ ବିମାନ ଉଡାଇ ଥିଲେ, ଏହି ସମୟସୀମା ଆହୁରି ହ୍ରାସ ପାଇବ। କିନ୍ତୁ ଇଣ୍ଡିଗୋ କର୍ତ୍ତୃପକ୍ଷ ପାଇଲଟଙ୍କୁ ରାତିରେ ବିମାନ ଚାଳନା କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ ହୁଏ। ଯାହାର ପରିଣତି ସ୍ୱରୁପ ଇଣ୍ଡିଗୋରେ ଆଜି ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ଶୀକାର ହୋଇଛନ୍ତି କେବଳ ଯାତ୍ରୀ। ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତି ନହୁଏ, କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବା ଜରୁରୀ।


ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ
ମୋ-୭୯୭୮୬୬୬୪୦୩


## ସବୁଠି ଫାନ୍ଦ : କହିବା କାହାକୁ ଶୁଣିବ କିଏ?


ସତ କହିବାକୁ କିଆଁ ଡରିବି

ଅମ୍ବିକା ପ୍ରସାଦ ଦାସ

ଭୁବନେଶ୍ୱର ରାଜଧାନୀ ହେଲା ପରେ କର୍ମଚାରୀ ଓ ବିଭିନ୍ନ ବର୍ଗଙ୍କ ରହିବା ପାଇଁ ଘର ନିର୍ମାଣ କରିଥିଲେ ସରକାର। ଇତିମଧ୍ୟରେ ଢେର ବର୍ଷ ବିତିଗଲାଣି । ନବୀକରଣ ଓ ରକ୍ଷଣାବେକ୍ଷଣ ବାବଦରେ ସରକାର ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି, ତାହା ଟିକସଦାତାଙ୍କ ଅର୍ଥ। ଯଦି ଆବଣ୍ଟିତ ଅର୍ଥର ଶତ ପ୍ରତିଶତ ଉପଯୁକ୍ତ ବିନିଯୋଗ ହେଉଥାନ୍ତା ତେବେ ଅଧା ଅର୍ଥରେ ସରକାରୀ ଘର ଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ହେବା ସହ ଚକାଚକ୍ ହୋଇସାରନ୍ତାଣି। କିନ୍ତୁ ଆବଣ୍ଟିତ ଅର୍ଥର ଅଧାରୁ ଅଧିକ ପରିମାଣର ଅର୍ଥ ବାଟମାରଣା ଏପରିକି ସମ୍ପୂର୍ଣ୍ଣ ହଡ଼ପ ହୋଇଯାଉଥିବାରୁ ବାରମ୍ୱାର ରକ୍ଷଣାବେକ୍ଷଣ ନାଁରେ ଅର୍ଥ ବରାଦ ଚାଲିଛି ।

ମହାଶୟ,

ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ? ଏବେ ଗୃହ ପ୍ରବେଶ ବେଳେ ସରକାରୀ ଅର୍ଥରେ ଖାଇବା ପିଇବା ବ୍ୟବସ୍ଥା ମଧ୍ୟ ହେଉଥିବା ଅଭିଯୋଗ ଶୁଣାଯାଏ । ଆପଣ ଲେଖିଚାଲନ୍ତୁ । ସମସାମୟିକ ଲେଖା ପାଇଁ ଧନ୍ୟବାଦ୍ ।


**ନୀଳ ମୋହନ ତ୍ରିପାଠୀ,**
ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଭୁବନେଶ୍ୱର


ମହାଶୟ,

ସରକାରୀ ଘର କଥା ଛାଡ଼ନ୍ତୁ, ପ୍ରତିଟି କ୍ଷେତ୍ରରେ ତଳୁ ଉପର ପର୍ଯ୍ୟନ୍ତ ଦୁର୍ନୀତିର ଚେର ଏପରି ଲମ୍ବି ଯାଇଛି ଯେ, ତାକୁ ଓପାଡ଼ିବା କାହାରି ପକ୍ଷରେ ସମ୍ଭବପର ନୁହେଁ । ସରକାରୀ କର୍ମଚାରୀ କାମ ନ କରିବା ପାଇଁ ଦରମା ଓ କାମ କରିବା ପାଇଁ ଲାଞ୍ଚ ନିଅନ୍ତି ବୋଲି କଥା ରହିଛି । ଏମିତି ଏକ ସମୟ ଥିଲା ଝିଅ ବାହାଘର ପାଇଁ ଜ୍ୱାଇଁ ଖୋଜିବା ବେଳେ କନ୍ୟା ପିତାମାତା ବର ଚାକିରିରେ ଭଲ ଉପୁରିକୁ ଅଗ୍ରାଧିକାର ଦେଉଥିଲେ । ବର୍ଷ ବର୍ଷ ଧରି ଆମର ବ୍ୟବସ୍ଥା ଏପରି କଳଙ୍କିତ ହୋଇଯାଇଛି ଯେ ଏଠାରେ ସତ୍ୟ ଓ ନ୍ୟାୟ ରାସ୍ତାରେ ଯାଉଥିବା ବ୍ୟକ୍ତି ତିଷ୍ଠିବା କଷ୍ଟକର । ଅତୀତରେ ଦୁର୍ନୀତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରୁଥିବା ବ୍ୟକ୍ତିଙ୍କୁ ହତ୍ୟା କରି ଦେବାର ଅନେକ ଦୃଷ୍ଟାନ୍ତ ରହିଛି । କମ୍ବଳ ଯାକ ବାଳ, ତାକୁ ଉପାଡ଼ିବ କିଏ ? ପିଲାମାନେ ପରୀକ୍ଷାରେ କପି କରିବା ପାଇଁ ଦାବି କରିବା ପରି, ଚାକିରିରେ ଲାଞ୍ଚ ନେଇ କାମ କରିବା ବା ଲାଞ୍ଚ ଦେଇ ଚାକିରି କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇ ଗଲାଣି । ପରିସ୍ଥିତି ଏପରି ହୋଇ ଗଲାଣି ଯେ ଲାଞ୍ଚ ପାଇବା ପାଇଁ ଲୋକେ ଠାକୁରଙ୍କୁ ଲାଞ୍ଚୁଆ କରି ସାରିଲେଣି । ଦେଶ ବିଦେଶୀ ଶାସନରୁ ମୁକ୍ତ ହେଲା ସତ କିନ୍ତୁ ନୈତିକ ସ୍ଖଳନତାରୁ ଆମେ ଏ ପର୍ଯ୍ୟନ୍ତ ନିଜକୁ ମୁକ୍ତ କରିପାରିଲୁ ନାହିଁ ।


**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା


# ଯିଏ ଗଢିଥିଲେ 'ସାହିତ୍ୟର ମହଲ'



ଝିଙ୍କି ମହାକାଳି ଚକୁଳି

ସମରେନ୍ଦ୍ର ବଳିଆରସିଂହ

ଚାରି ଦଶକ ତଳର ସ୍ମୃତି । ଆମେ ସେତେବେଳେ ଗାଁରେ(ଗଡ଼ବାଣୀକିଲୋ) ରହୁଥିଲୁ । ଦିନେ ମୁହଁ ସଞ୍ଜ ବେଳେ ଜଣେ ଦାଢିଆ ମଣିଷ ଆସି ପହଞ୍ଚିଲେ ଆମ ବସାଘର ଠାରେ । ଆମେ ପିଲାଏ ସେଇଠି ଖେଳୁଥିଲୁ । ସେଠୁ ମୋତେ ଡାକି କହିଲେ, 'ବାବା ଅଛନ୍ତି ଘରେ?' ମୁଁ କହିଲି, 'ହଁ ଅଛନ୍ତି ।' ତା'ପରେ କହିଲେ, 'ଯା' ଡାକିଦବୁ । ମୁଁ ପଚାରିଲି, 'ଆପଣଙ୍କ ନାଁ କ'ଣ?' ସେଠୁ କହିଲେ, 'କିଛି କହିବା ଲୋଡ଼ା ନାହିଁ, କହିବୁ ଜଣେ ଦାଢିଆ ଲୋକ ଖୋଜୁଛନ୍ତି ।' ମୁଁ ଘରକୁ ଯାଇ ବାପା (ଐତିହାସିକ ସତ୍ୟବାଦୀ ବଳିଆରସିଂହ)ଙ୍କୁ କହିଲି, 'ତମକୁ ଜଣେ ଖୋଜୁଛନ୍ତି । ପଚାରିଲେ ନାଁ କହୁନାହାନ୍ତି । କହୁଛନ୍ତି, ଖାଲି କହିବୁ, ଜଣେ ଦାଢିଆ ଲୋକ ଖୋଜୁଛନ୍ତି ବୋଲି..' । ମୋ କଥା ଶୁଣି ବାପା ତୁରନ୍ତ ବସାଘରକୁ ଆସିଲେ । ଆମେ ରହୁଥିବା ଘରର ଗୋଟେ ଘର ଛାଡ଼ିକି ଆମର ଦୁଇ ବଖରା ଘର ଥିଲା, ସେଠାରେ ମୋର ଜେଜେ ଓ ତାଙ୍କ ବାପା ଆସି ଶୁଅନ୍ତି । ସେଇ ବସାଘରକୁ ବାପାଙ୍କୁ ଭେଟୁଥିବା ଲୋକମାନେ ଆସନ୍ତି । ତା' ପରେ ବାପା ଆସି ସେଇ ଦାଢିଆ ଲୋକଙ୍କ ହାତ ଧରି କୁଣ୍ଢେଇ ପକେଇଲେ, ତା' ପରେ ମୋତେ କହିଲେ, 'ଇଏ ପରା ବଂଶୀଧର ରାଉତ, ମୋ ପିଲାବେଳର ସାଙ୍ଗ। ୟାଙ୍କୁ ବଂଶୀ ଦାଦା ବୋଲି ଡାକିବୁ ।' (ବାପାଙ୍କ ଜନ୍ମର କିଛି ମାସ ପରେ ତାଙ୍କର ଜନ୍ମ, ତେଣୁ ଗାଁ ହିସାବରେ ଦାଦା) । ବାପା କହିଲେ, 'ବଂଶୀ ଓ ମୁଁ ପିଲାବେଳେ ଭଲ ଫୁଟ୍‌ବଲ ଖେଳୁଥିଲୁ । ପାଳି ପାଳି କରି ଆମ ଦି' ଜଣଙ୍କୁ ମନିଟର ମଧ୍ୟ କରାଯାଉଥିଲା । ଗପ, ଉପନ୍ୟାସ, ନାଟକ ଲେଖି ଇଏ ଏବେ ଭାରି ଜଣାଶୁଣା ।' ସେଦିନ ବାପାଙ୍କର ସେଇ ପରିଚୟ ପରେ ମୁଁ ସଶରୀରେ ଚିହ୍ନିଲି ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ ତଥା 'ମହଲ'ର ପ୍ରତିଷ୍ଠାତା ସମ୍ପାଦକ ବଂଶୀଧର ରାଉତଙ୍କୁ । ସେତେବେଳେ ସେ ବହଳ ଦାଢି ରଖିଥିଲେ। ଆଗରୁ ତାଙ୍କ ନାଁ ଶୁଣିଥିଲି.. ତାଙ୍କ ସମ୍ପାଦିତ 'ମହଲ' ପତ୍ରିକା ଦେଖିଥିଲି । କାରଣ ମୋ ଜନ୍ମର ଦୁଇ ବର୍ଷ ପରେ ଏହି ପତ୍ରିକାର ଜନ୍ମ । ୧୯୭୮ରୁ ଦୀର୍ଘ ୨୬ବର୍ଷ ଧରି ଏହା ଖୋର୍ଦ୍ଧାରୁ ପ୍ରକାଶ ପାଇ ଓଡ଼ିଶାର ସାହିତ୍ୟିକ, ସାଂସ୍କୃତିକ ପାଣିପାଗକୁ ଚଳଚଞ୍ଚଳ କରିରଖିଥିଲା । ତେଣୁ ପିଲାବେଳୁ 'ମହଲ'ର ସବୁ ସଂଖ୍ୟା ମୁଁ ଦେଖିଛି । ବଂଶୀ ଦାଦାଙ୍କ ବହି ସବୁ ବାପା ଆଣନ୍ତି ସେତେବେଳେ। ତେବେ 'ମହଲ'ରୁ ମୁଁ ଓଡ଼ିଶାର ବିଭିନ୍ନ ଲେଖକଙ୍କୁ ପଢିବାର ସୁଯୋଗ ପାଇଛି । ପ୍ରଥିତଯଶା ଗାଳ୍ପିକ ବିଭୂତି ପଟ୍ଟନାୟକ, କଥାକାର ଦେବରାଜ ଲେଙ୍କା, କବି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, କବି ଗିରିଜା କୁମାର ବଳିୟାରସିଂହ, ଗାଳ୍ପିକ ପ୍ରଫେସର ଡ. ଅବନୀ କୁମାର ବରାଳ, ଐତିହାସିକ ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ରାୟସିଂହ, ଶିକ୍ଷାବିତ୍ ମୁରଲୀଧର ପ୍ରଧାନ, ସାହିତ୍ୟିକ ପ୍ରାଣକୃଷ୍ଣ ମିଶ୍ର, ଔପନ୍ୟାସିକ ଡ. ପଦ୍ମଜ ପାଳ, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଭଂଜ, କବି ସୂର୍ଯ୍ୟ ମିଶ୍ର, ସାହିତ୍ୟିକ ଡ. ଦିଲୀପ ଶ୍ରୀଚନ୍ଦନ, କବି ସତ୍ୟବାଦୀ ରାଉତ, କଥାକାର ଡ. ଗୌରହରି ଦାସ, କବି ରମେଶ ମଙ୍ଗରାଜ, 'କାବ୍ୟଲୋକ'ର ସମ୍ପାଦକ ଭିକାରୀ ଧଳ, କବି ତଥା ସାମ୍ବାଦିକ ରବିପ୍ରିୟ ଦାଶ, ଗାଳ୍ପିକ ଭୀମ ପୃଷ୍ଟି, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ, କବି ଡ. ଅଜୟ ସ୍ୱାଇଁ... ଏହିପରି ଅନେକ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଭେଟିବାବେଳେ ବା କଥା ହେବାବେଳେ ପିଲାଦିନର ସେଇ ସ୍ମୃତିକୁ ନେଇ ପୁଲକିତ ହୋଇଥାଏ । ମୋଟାମୋଟି ଭାବେ ଓଡ଼ିଶାର ସାହିତ୍ୟିକ ପାଣିପାଗର ଗୋଟେ ଛୋଟ ଆକଳନ ମୁଁ ପିଲାବେଳୁ କରିଥିଲି। ସେତେବେଳେ ମୁଁ ବି କିଛି ଲେଖାଲେଖି ଆରମ୍ଭ କରିଦେଇଥିଲି। ତେବେ ସେସବୁ ଥିଲା ପିଲାଙ୍କ ପାଇଁ, ଯାହାକି ସଂସାର, ଶିଶୁଲେଖା, ମୀନାବଜାର ତଥା ବିଭିନ୍ନ ଶିଶୁପତ୍ରିକାରେ ବାହାରୁଥିଲା। ଏସବୁ ପଛରେ ବାପା, ବୋଉଙ୍କ ପ୍ରେରଣା ସହ 'ମହଲ'ର ବିଶେଷ୍ ଅବଦାନ ରହିଥିଲା । ସମ୍ପାଦନା ମଣ୍ଡଳୀରେ ବାପା ଥିବାରୁ ଏହି ପତ୍ରିକା ମୋତେ ଭାରି ଆପଣାର ଲାଗୁଥିଲା । ବଂଶୀ ଦାଦା ଗାଁକୁ ଆସିଲାବେଳେ ଆମ ଘରକୁ ନିହାତି ଆସନ୍ତି ଓ ସେଇଠି ବାପାଙ୍କ ସହ ଝିଙ୍କିଶାଳରୁ ଆରମ୍ଭ କରି ଢେଙ୍କାନାଳ ଯାଏଁ ଚର୍ଚ୍ଚା କରନ୍ତି। ମୁଁ ବି ପାଖେ ପାଖେ ଥାଏ। ସୁଜି କ୍ଷିରି, ମିକ୍ସର, ଚା' ଆଣି ଦିଏ। ସେତେବେଳେ ଆମ ଗାଁରେ ଲେଖାଲେଖି କରୁଥିବା ଲୋକଙ୍କ ମଧ୍ୟରେ ଥିଲେ ବାପା ଓ ବଂଶୀ ଦାଦାଙ୍କ ବ୍ୟତୀତ ସାଧୁ ଦାଦା (ଗାଳ୍ପିକ ଛିନ୍ନପତ୍ର ସାଧୁଚରଣ)। ବଂଶୀ ଦାଦା ତାଙ୍କୁ ଲେଖିବାକୁ ବେଶ୍ ପ୍ରେରଣା ଦେଉଥିଲେ ଓ ତାଙ୍କ ଲେଖା ଛାପୁଥିଲେ ।

ଇତିମଧ୍ୟରେ ମୋର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ଆମେ ଖୋର୍ଦ୍ଧା ଆସିଲୁ । ବିଡିଏ କଲୋନୀରେ ଥିବା ଆମ ଘର 'ବିଶ୍ରାମ'ରେ ରହିଲୁ । ଏହାପରେ ବଂଶୀଦାଦାଙ୍କ ସହ ଭେଟଭାଟ ଗାଁ ଅପେକ୍ଷା ଅଧିକ ହେଲା । ସେ ଖୋର୍ଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ (ପରେ ପୌରପାଳିକା ହେଲା)ରେ କିରାଣି ଭାବେ କାର୍ଯ୍ୟ କରୁଥିଲେ । ତେବେ ସାହିତ୍ୟିକ, ସାଂସ୍କୃତିକ ଜଗତରେ ତାଙ୍କର ବିଶେଷ ଦଖଲ ହେତୁ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ଥିଲେ । ପରିଷଦର ବିଭିନ୍ନ ସମୟରେ ଅଧ୍ୟକ୍ଷ ହୋଇଥିବା ବରିଷ୍ଠ ନେତା ଜିତୁ ମିତ୍ର (ସଂପ୍ରତି ଖୋର୍ଦ୍ଧାର ବିଧାୟକ), ବରିଷ୍ଠ ସାମ୍ବାଦିକ ରାଜକିଶୋର ରାମ ଓ ନିର୍ବାହୀ ଅଧିକାରୀମାନେ ତାଙ୍କୁ ବେଶ୍ ଗୁରୁତ୍ୱ ଦେଉଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀ ସଂଘ ନେତା ଭାବେ ତାଂକର ବେଶ୍ ଖାତିର ଥିଲା। ତେବେ ଖୋର୍ଦ୍ଧା କଲେଜ (ପରେ ପ୍ରାଣନାଥ କଲେଜ ହେଲା)ରେ ସେ ଯୁକ୍ତ ଦୁଇ ପଢୁଥିବାବେଳେ ଗୁଜୁରାଣ ମେଣ୍ଟାଇବା ପାଇଁ ଟିଉସନ କରୁଥିଲେ। ଖୋର୍ଦ୍ଧା ଜୟୀ ରାଜଗୁରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ, ତା' ପରେ ପୌରପରିଷଦରେ ଚାକିରି କଲେ । ମୁଁ ପ୍ରାଣନାଥ ମହାବିଦ୍ୟାଳୟରେ ପଢୁଥିବାବେଳେ ସାମନ୍ତରାପୁରରେ ଦାଦା ରହୁଥିଲେ । କଲେଜରୁ ଫେରିବାବେଳେ ତାଙ୍କ ଘରେ ପହଞ୍ଚେ । ଗୀତା (ବଂଶୀଧର ରାଉତଙ୍କ ପତ୍ନୀ ଗୀତାଞ୍ଜଳି ରାଉତ) ଖୁଡ଼ୀ ଚା' ଜଳଖିଆ ଆଣି ଦିଅନ୍ତି । ଦୁଇ ପୁଅ, ଝିଅଙ୍କର ବେଶ୍ ଆତ୍ମୀୟତା ବି ଥିଲା । ଏକ ପାରିବାରିକ ସମ୍ପର୍କ ଭିତରେ ଆମେ ବାନ୍ଧିହୋଇଯାଇଥିଲୁ । ଅନେକ ସମୟରେ ସେ ବିଭିନ୍ନ ଗପ ବା ଉପନ୍ୟାସର ପ୍ଲଟ୍ ସମ୍ପର୍କରେ ମୋତେ କହୁଥିଲେ । କେମିତି କୋଉ ଝିଅରୁ ସେ ସମ୍ପର୍କରେ ସେ ଲେଖିଲେ, ସେଇକଥା ବର୍ଣ୍ଣନା କରୁଥିଲେ । ବର୍ଣ୍ଣବୈଷମ୍ୟବାଦର ତୀବ୍ର ବିରୋଧ କରି ଜେଲ ଯାଇଥିବା ତଥା ପରବର୍ତ୍ତୀ ସମୟରେ ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ହୋଇଥିବା ନେଲସନ୍ ମାଣ୍ଡେଲାଙ୍କ ସମ୍ପର୍କରେ ସେତେବେଳେ ସେ ଏକ ବଡ଼ ଆଲେଖ୍ୟ ଛାପିଥିଲେ 'ମହଲ'ରେ । ଦିନେ ମୋତେ କହୁଥିଲେ, କେମିତି ମାଣ୍ଡେଲାଙ୍କ ପାଖକୁ ସେହି ସଂଖ୍ୟା 'ମହଲ' ସହ ତା'ର ଇଂରାଜୀ ଅନୁବାଦ ପଠାଇଥିଲେ ଓ ମାଣ୍ଡେଲାଙ୍କ ପାଖରୁ ତାଙ୍କର କୃତଜ୍ଞତା ସୂଚକ ପ୍ରଶଂସାପତ୍ର ମଧ୍ୟ ଆସିଥିଲା ।

ସେତେବେଳେ ମୁଁ ବେଶୀ ପ୍ରବନ୍ଧ ଲେଖୁଥିଲି । ବଂଶୀ ଦାଦା କହିଲେ, 'ଗୋଟେ ପ୍ରବନ୍ଧ ଆଣ, 'ମହଲ'ରେ ଛାପିବା।' ମୁଁ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଉପରେ ଗୋଟେ ପ୍ରବନ୍ଧ ଲେଖିଥିଲି। ତେବେ କିଛି ମାସ ହେବ ତାହା 'ମହଲ'ରେ ପ୍ରକାଶିତ ହୋଇନଥିଲା। ପଚାରିବାରୁ କହିଲେ, 'ଆଉ କିଛି ତଥ୍ୟ ଆଣ। ଏଇଟା ଗୋଟେ ଭଲ ପ୍ରବନ୍ଧ ହେବ।' ମୁଁ ପୁଣି କିଛି ତଥ୍ୟ ସଂଗ୍ରହ କରି ପ୍ରବନ୍ଧଟିକୁ ଆହୁରି ବଳିଷ୍ଠ କରିଥିଲି। ତେବେ ଅନ୍ୟ ଲେଖକଙ୍କର ବହୁ ଲେଖା ଆଗରୁ ଆସି ଥିବାରୁ ମୋ ଲେଖା ପ୍ରକାଶ ପାଇନଥିଲା। ଇତିମଧ୍ୟରେ ମୁଁ ସେଇ ପ୍ରବନ୍ଧଟିକୁ 'ଉତ୍କଳ ପ୍ରସଙ୍ଗ' ପଠାଇଦେଲି । ମାସକ ପରେ ତାହା ସେଥିରେ ବାହାରିଗଲା। ଦାଦା ତାହା ଦେଖି ବିରକ୍ତ ହେଲେ। **(କ୍ରମଶଃ)**



*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୬୭୯୦୯୯*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**



କାଶୀ ବା ବାରାଣାସୀକୁ ଆସୁଥିବା ଲୋକମାନଙ୍କର ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ଥାଏ । କିଏ ଆସନ୍ତି ଗଙ୍ଗାରେ ବୁଡ଼ ପକାଇବା ପାଇଁ, କିଏ ଜ୍ୟୋତିର୍ଲିଙ୍ଗ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବା ପାଇଁ, କିଏ ଅନ୍ନପୂର୍ଣ୍ଣାଙ୍କ ନଗରୀ ଦେଖିବା ପାଇଁ, କିଏ ଆସନ୍ତି ହଜାର ହଜାର ବର୍ଷ ପୁରାତନ ସଭ୍ୟତାର ବର୍ତ୍ତମାନ ରୂପ ଦେଖିବା ପାଇଁ । ତେବେ ସବୁଠାରୁ ଅଧିକ ଲୋକ ଆସନ୍ତି ମୋକ୍ଷ ପାଇଁ– ଜୀବିତାବସ୍ଥାରେ ହେଉ ବା ମୃତାବସ୍ଥାରେ । ତେବେ ଏତିକି କହିହେବ ପ୍ରତି ବର୍ଗର, ପ୍ରତି ବୟସର ଓ ପ୍ରତି ଶ୍ରେଣୀର ପର୍ଯ୍ୟଟକଙ୍କୁ ମୁଗ୍ଧ କରିବା ପାଇଁ ଅନେକ କିଛି ଅଛି ଏ ନଗରୀରେ । ଏଠି କାହାଣୀ ଅଛି, ଲୋକକଥା ଅଛି, କିମ୍ବଦନ୍ତୀ ଅଛି, ବିଶ୍ୱାସ ବି ଅଛି । ଏହି ଲୋକକଥା, ରୀତିନୀତି ଓ ସଙ୍ଗୀତର ଏକ ସ୍ୱତନ୍ତ୍ର ସମ୍ମୋହନକାର ଶକ୍ତି ଅଛି । ଏହା ଭାରତର ପ୍ରତିନିଧି, ହିନ୍ଦୁଧର୍ମର ସବୁ ରୀତିନୀତି ଏହି ନଗରୀରେ ହିଁ ଦେଖିବାକୁ ମିଳିବ । ଭାରତର ଅନେକ ପୁରୁଣା ସହର ଅଛି, ସେ ସମସ୍ତେ ଆଧୁନିକତା ଆଡକୁ ମୁହାଁଇଛନ୍ତି । କିନ୍ତୁ ବାରାଣାସୀ ନିଜକୁ ସଂରକ୍ଷିତ କରିରଖିବାରେ ଅଧିକ ଆଗ୍ରହୀ । ତେଣୁ ହଜାର ହଜାର ବର୍ଷ ପୁରୁଣା ରୀତିନୀତି ଆଜି ବି ଏ ନଗରୀରେ ସ୍ୱାଭାବିକ ଭାବରେ ପ୍ରଚଳିତ । ଏ ସହର ଅପରିଚ୍ଛନ୍ନ, କୋଳାହଳମୟ କିନ୍ତୁ ଯେଉଁମାନେ ଏଠାକୁ ପୂଜା କରିବାକୁ ଆସନ୍ତି ସେମାନଙ୍କ ପାଇଁ ଏ ସ୍ଥାନ ଶାନ୍ତିମୟ । ବାରାଣାସୀର ସର୍ବ ପୁରାତନ ନାମ ଥିଲା କାଶୀ । ୩ହଜାର ବର୍ଷ ପୂର୍ବରୁ କାଶୀ ରାଜ୍ୟର ରାଜଧାନୀ ଥିଲା ଏହି ସହର । କାଶୀର ଆକ୍ଷରିକ ଅର୍ଥ ଉଜ୍ଜ୍ୱଳ, ଆଲୋକିତ । ଶାସ୍ତ୍ରୀୟ ସାହିତ୍ୟ ଅନୁଯାୟୀ– ଯେହେତୁ ନିରାକାର ଶିବଙ୍କ ପ୍ରତୀକଧାରୀ ଆଲୋକ ଏଠାରେ ପ୍ରଜ୍ୱଳିତ ତେଣୁ ଏହାର ନାମ କାଶୀ । ଧର୍ମୀୟ ଅର୍ଥରେ ଏହି ନାମ ଅଧିକ ବ୍ୟବହୃତ । ବାରାଣାସୀ ନାମ ଆସିଛି ବରୁଣା ଓ ଅସି ନଦୀର ସଙ୍ଗମସ୍ଥଳରେ ଗଢ଼ି ଉଠିଥିବା ସହର ପାଇଁ । ବନାରସ ମୂଳ ପାଲି ନାମ ବାରାଣାସୀ ଅପଭ୍ରଂଶ ମାତ୍ର ।










# ଅନନ୍ୟ ନଗରୀ କାଶୀ


ମନ୍ଦିର ନଗରୀ ଓ ଭାରତର ଆଧ୍ୟାତ୍ମିକ ରାଜଧାନୀ ଭାବରେ ଖ୍ୟାତ ବାରାଣାସୀ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ବିସ୍ମୟର କ୍ଷେତ୍ର । ସେମାନେ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି– ମୃତ୍ୟୁକୁ ଏମିତି ଉତ୍ସବ ଭାବରେ ପାଳନ କରାଯାଇପାରେ? ଏ ନଗରୀ ଅନେକ କାରଣରୁ ଅନନ୍ୟ ।

- ପବିତ୍ର ନଗରୀ ବାରାଣାସୀ ପୃଥିବୀର ସବୁଠାରୁ ପୁରୁଣା ଜୀବନ୍ତ ନଗର । ଏ ନଗର ସ୍ଥାପିତ ହେବା ଦିନରୁ ଆଜିପର୍ଯ୍ୟନ୍ତ ଏଠାରେ ମନୁଷ୍ୟ ବସବାସ କରିଆସୁଛନ୍ତି । ବିଶ୍ୱାସ କରାଯାଏ ଏହା ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କର ଆବାସ, କୈଳାସ ପର୍ବତକୁ ବାଦ୍ ଦେଲେ ।
- ବାରାଣାସୀରେ ୨୩ହଜାର ମନ୍ଦିର ଅଛି ବିଭିନ୍ନ ଦେବୀ ଦେବତାଙ୍କର । ଉଭୟ ଶୈବ ଓ ବୈଷ୍ଣବମାନେ ଏଠାରେ ସୁସମ୍ପର୍କରେ ରୁହନ୍ତି । ଜୈନମାନଙ୍କ ପାଇଁ ମଧ୍ୟ ଏହା ଏକ ପବିତ୍ର ସ୍ଥାନ । କାରଣ ବାରାଣାସୀ ଜୈନଧର୍ମର ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥଙ୍କର ଜନ୍ମସ୍ଥାନ । ବୌଦ୍ଧମାନେ ବି ଏହାକୁ ପବିତ୍ର ମାନନ୍ତି କାରଣ ଏହାର ନିକଟରେ ଥିବା ସାରନାଥରେ ଗୌତମ ବୁଦ୍ଧ ଧର୍ମ ଶିକ୍ଷା ଦେଇଥିଲେ । ଶିଖ୍‌ମାନେ ବି ପବିତ୍ର ମାନନ୍ତି ଏହି ମହାନଗରୀକୁ ।
- ବାରାଣାସୀରେ ୮୭ଟି ଘାଟ ଅଛି । ଅର୍ଥାତ୍ ବିଶ୍ୱର ସର୍ବାଧିକ ନଦୀଘାଟ ଥିବା ସହର ଏହା ।
- ଏଠାରେ ଥିବା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ବିଶ୍ୱର ଅନ୍ୟତମ ବୃହଦ୍ ବିଶ୍ୱବିଦ୍ୟାଳୟ । ବେଦ ଶିକ୍ଷା ମଧ୍ୟ ସାମିଲ ଏହାର ପାଠ୍ୟକ୍ରମରେ । ଏସିଆ ମହାଦେଶର ବୃହତ୍ତମ ରେସିଡେନ୍ସିଆଲ୍ ବିଶ୍ୱବିଦ୍ୟାଳୟ ଏହା । ଛାତ୍ରାବାସରେ ପ୍ରାୟ ୨୦ହଜାର ଛାତ୍ରଛାତ୍ରୀ ରହି ଅଧ୍ୟୟନ କରନ୍ତି ।
- ପଣ୍ଡିତ ରବିଶଙ୍କର ଓ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍‌ଙ୍କ ପରି ମହାନ ସଙ୍ଗୀତଜ୍ଞଙ୍କ ଜନ୍ମସ୍ଥାନ ଏହା ।
- ବନାରସ ପରି ଖ୍ୟାତ ଏହାର ବନାରସୀ ଶାଢ଼ି । ଭାରତରେ ବିବାହ ତ ବନାରସୀ ପାଟ ବିନା ଅସମ୍ପୂର୍ଣ୍ଣ । କାରୁକାର୍ଯ୍ୟ ଖଚିତ ବନାରସୀ ଶାଢ଼ିଟିଏ ବୁଣିବାକୁ ୬ମାସ ସମୟ ଲାଗିଯାଏ । ବିଦେଶକୁ ଖୁବ୍ ଅଧିକ ସଂଖ୍ୟାରେ ରପ୍ତାନି ହୁଏ ବନାରସୀ ଶାଢ଼ି ।
- ସାରା ଦେଶ ବିଭିନ୍ନ ପ୍ରକାର ପର୍ବପର୍ବାଣି ପାଳନ କରେ । ତେବେ ହୋଲି ଓ ଦୀପାବଳୀ ସବୁଠାରୁ ଆନନ୍ଦର ପର୍ବ ହିନ୍ଦୁମାନଙ୍କ ପାଇଁ । ହେଲେ ବାରାଣାସୀବାସୀ ଅପେକ୍ଷା କରିଥାନ୍ତି ଦେବ ଦୀପାବଳୀ ପାଇଁ । ଦୀର୍ଘଦିନ ଅନନ୍ତ ଶୟନରେ ଥିବା ବିଷ୍ଣୁ ଜାଗ୍ରତ ହେବା ଓ ତୁଳସୀଙ୍କୁ ବିବାହ କରିବା ପରେ ଦେବଗଣଙ୍କ ହାରିଗୁହାରୀ ଶୁଣିବାକୁ ପ୍ରସ୍ତୁତ ହୁଅନ୍ତି । କାଶୀର ସମସ୍ତ ଘାଟ ଦୀପର ଆଲୋକରେ ଆଲୋକିତ ହୋଇଯାଏ ଏହି ଦିନ । କାର୍ତ୍ତିକ ପୂର୍ଣ୍ଣିମାରେ ବାରାଣାସୀରେ ଦେବ ଦୀପାବଳୀ ପାଳନ କରାଯାଏ ।
- ବାରାଣାସୀର ପ୍ରଶଂସା କରିବାରେ କବି, ଲେଖକ, ସାଧକମାନେ କେବେ କାର୍ପଣ୍ୟ କରିନାହାନ୍ତି । ଆଦି ଶଙ୍କରାଚାର୍ଯ୍ୟ କାଶୀର ପ୍ରଶଂସା କରିବାକୁ ଯାଇ ଲେଖିଥିଲେ କାଶୀ ପଞ୍ଚକମ୍ । ଭାରତପ୍ରେମୀ ଆମେରିକୀୟ ଲେଖକ ମାର୍କ ଟ୍ୱିନ୍ ୧୮୯୭ ମସିହାରେ କହିଥିଲେ– ବନାରସ ଇତିହାସଠାରୁ ପୁରୁଣା, ପରମ୍ପରାଠାରୁ ପୁରୁଣା, କିମ୍ବଦନ୍ତୀଠାରୁ ବି ପୁରୁଣା । ଏସବୁ ମିଶିଲେ ଯେତିକି ପୁରୁଣା ହେବ ତା'ଠାରୁ ବି ପୁରୁଣା ବାରଣାସୀ ।
- ଖ୍ରୀଷ୍ଟପୂର୍ବ ଏକାଦଶ ଶତାବ୍ଦୀରେ ସ୍ଥାପିତ ହୋଇଥିଲା ଏହି ନଗରୀ । ଏହି ସମୟରେ ଭିନ୍ନ ଭିନ୍ନ ପୁରାତନ ସଭ୍ୟତାର ନଗରୀ ମଧ୍ୟ ସ୍ଥାପିତ ହୋଇଥିଲା । ଏ ମଧ୍ୟରୁ ଅଧିକାଂଶ ଆଜି କେବଳ ଐତିହାସିକ ଅବଶେଷ । କିନ୍ତୁ ସ୍ଥାପିତ ହେବାଠାରୁ ଆଜି ପର୍ଯ୍ୟନ୍ତ ଜୀବନ୍ତ ଓ ସକ୍ରିୟ ଅଛି ବାରାଣାସୀ ।
- ବିଶ୍ୱାସ ରହିଛି ମାତା ଅନ୍ନପୂର୍ଣ୍ଣାଙ୍କ ଏହି ନଗରୀରେ କେହି ଅଭୁକ୍ତ ରହନ୍ତି ନାହିଁ । ଅନେକେ ଜାଣିଶୁଣି ଏଠାରେ ଉପବାସ ରହିବାକୁ ଚେଷ୍ଟା କରି ଅସଫଳ ମଧ୍ୟ ହୋଇଥିବା ନିଜେ ସ୍ୱୀକାର କରନ୍ତି ।
- ଏହି ନଗରୀରେ ଏକ ଅଖ୍ୟାତ ମହାନ୍ ଅନୁଷ୍ଠାନଟିଏ ଅଛି– ଅବଧୂତ ଭଗୱାନ ରାମ କୁଷ୍ଠ ସେବା ଆଶ୍ରମ । ଏହି ସେବାଶ୍ରମରେ ପ୍ରାୟ ଏକଲକ୍ଷ ସମ୍ପୂର୍ଣ୍ଣ ସଂକ୍ରମିତ କୁଷ୍ଠରୋଗୀ ଓ ଦେଢ଼ ଲକ୍ଷ ଆଂଶିକ ସଂକ୍ରମିତ କୁଷ୍ଠରୋଗୀ ଆରୋଗ୍ୟ ଲାଭ କରିଛନ୍ତି ଯାହାକି ଏକ ବିଶ୍ୱରେକର୍ଡ । ଏତେ ସଂଖ୍ୟକ କୁଷ୍ଠରୋଗୀଙ୍କୁ ପୃଥିବୀର କୌଣସି ଡାକ୍ତରଖାନା ଆଜି ପର୍ଯ୍ୟନ୍ତ ଆରୋଗ୍ୟ କରିପାରିନାହାନ୍ତି ।
- ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧିଜୀଙ୍କ ଦ୍ୱାରା ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ସମସ୍ତେ ଜାଣନ୍ତି । କିନ୍ତୁ ଏହାର ଅନେକ ପୂର୍ବରୁ ୧୮୧୦ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗୃହ ଓ ଦୋକାନ ଉପରେ ଖଜଣା ଲାଗୁ ହେବାକୁ ବିରୋଧ କରି ବାରାଣାସୀ ବାସିନ୍ଦାମାନେ ସରକାରଙ୍କ ବିରୋଧରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରିଥିଲେ ଯାହାକି ଭାରତ ଇତିହାସରେ ପ୍ରଥମ ଆଇନ୍ ଅମାନ୍ୟ ଆନ୍ଦୋଳନ ଥିଲା ।
- ଅନେକ ନାମ ଅଛି ବାରାଣାସୀର । ସେଗୁଡ଼ିକ ମଧ୍ୟରୁ କିଛି ହେଉଛି କାଶୀ, ବନାରସ, ମହାଶ୍ମଶାନ, ବ୍ରହ୍ମବର୍ଦ୍ଧ, ସୁଦର୍ଶନା, ରମ୍ୟା ଇତ୍ୟାଦି ।























ବାରାଣାସୀର ଅନ୍ୟତମ ଶ୍ରେଷ୍ଠ ସ୍ଥାନ ଏହାର ଘାଟ ସବୁ । ଗଙ୍ଗାନଦୀ କୂଳରେ ୮୭ଟି ଘାଟ ଅଛି ବାରାଣାସୀରେ । ସେ ମଧ୍ୟରୁ କିଛି କେବଳ ସ୍ନାନ ଓ ପୂଜା ପାଇଁ ବ୍ୟବହୃତ ହେଉଥିବା ବେଳେ ଅନ୍ୟ କେତେଗୁଡ଼ିଏ ଦାହସଂସ୍କାର ପାଇଁ ବ୍ୟବହୃତ ହୁଏ । ବାରାଣାସୀରେ ଗଙ୍ଗା ନଦୀକୂଳରେ କେଉଁ ଘାଟ କେବେ ଅସ୍ତିତ୍ୱକୁ ଆସିଲା ସେଇ ନେଇ ଅନେକ କାହାଣୀ ଓ କିମ୍ବଦନ୍ତୀ ଅଛି । ତେବେ ବର୍ତ୍ତମାନ ଘାଟଗୁଡ଼ିକର ସୁଦୃଶ୍ୟ ଚେହେରା ଯାହା ତାହା ମୁଖ୍ୟତଃ ୧୭୦୦ ଖ୍ରୀଷ୍ଟାବ୍ଦ ପରେ ହିଁ ହୋଇପାରିଛି । ଏହି ସମୟରେ ବାରାଣାସୀ ମରାଠା ସାମ୍ରାଜ୍ୟର ଅଂଶ ଥିଲା ଓ ମରାଠା ଶାସକମାନେ ଘାଟଗୁଡ଼ିକରେ ପଥର ପାହାଚ କରିବା ସହ ମନ୍ଦିରଗୁଡ଼ିକର ଜୀର୍ଣ୍ଣୋଦ୍ଧାର କରିଥିଲେ ।

## ଅହଲ୍ୟାବାଈ ଘାଟ

୧୭୭୮–୧୭୮୫ ମସିହାରେ ମଧ୍ୟପ୍ରଦେଶର ରାଣୀ ଅହଲ୍ୟାବାଈ ହୋଲ୍‌କାର୍‌ଙ୍କ ପୃଷ୍ଠପୋଷକତାରେ କେବଲଗିରି ଘାଟର ପୁନଃ ନିର୍ମାଣ ଓ ସଂପ୍ରସାରଣ ହେଲା । ଏହି ଘାଟରେ ରାଜପ୍ରାସାଦ, ଘରୋଇ ଆବାସ, ହନୁମାନ, ଶିବ ଆଦି ମନ୍ଦିର ରହିଛି । ହନୁମାନ ମନ୍ଦିରର ତଳ ମହଲାରେ ଯାତ୍ରୀମାନଙ୍କ ପାଇଁ ଖୋଲା ବାରଣ୍ଡା ଅଛି । ଉପର ମହଲାରେ ମନ୍ଦିର ରହିଛି । ଘାଟ ନିକଟରେ କର୍ମଚାରୀ ଗୃହ ଓ ଆଖଡ଼ାଶାଳ ମଧ୍ୟ ଅଛି ।

## ଅସି ଘାଟ

ବିଦେଶୀ ଛାତ୍ର, ଗବେଷକ ଓ ପର୍ଯ୍ୟଟକମାନଙ୍କର ପ୍ରିୟ ଏହି ଘାଟ । ମନୋରଞ୍ଜନ ଓ ଉତ୍ସବ ପାଇଁ ମଧ୍ୟ ଏହା ଖ୍ୟାତ । ପ୍ରତିଦିନ ଘଣ୍ଟାକେ ପ୍ରାୟ ୩୦୦ଜଣ ପରିଦର୍ଶନରେ ଆସନ୍ତି ଏଠାକୁ । ମହାଶିବରାତ୍ରୀ ପରି ଦିନମାନଙ୍କରେ ଘଣ୍ଟାକୁ ପ୍ରାୟ ଅଢ଼େଇହଜାର ପର୍ଯ୍ୟଟକ ଆସନ୍ତି ଏହି ଘାଟକୁ । ଏକ ସମୟରେ ପ୍ରାୟ ୨୨ହଜାର ୫ଶହ ଲୋକଙ୍କୁ ସ୍ଥାନ ଦେଇପାରେ ଏହା । ପୌରାଣିକ ବିଶ୍ୱାସ ଅନୁଯାୟୀ ଶୁମ୍ଭ ଓ ନିଶୁମ୍ଭ ରାକ୍ଷସଙ୍କୁ ହତ୍ୟା କରିବା ପରେ ଦେବୀ ଦୁର୍ଗା ନିଜର ଖଡ୍‌ଗ ଫିଙ୍ଗି ଦେଇଥିଲେ । ଖଡ୍‌ଗ ଯେଉଁଠାରେ ପଡ଼ିଲା ସେଠାରୁ ପୃଥିବୀର ବକ୍ଷ ଚିରି ନଦୀଟିଏ ବହି ଆସିଲା ଓ ପରିଚିତା ହେଲା ଅସି (ଖଡ୍‌ଗ) ନାମରେ । ଯେଉଁଠାରେ ଏହି ଅସି ନଦୀ ଗଙ୍ଗାରେ ମିଶିଛି ସେଠାରେ ହିଁ ନିର୍ମିତ ହୋଇଛି ଅସିଘାଟ ।

## ଦରଭଙ୍ଗା ଘାଟ

ତତ୍କାଳୀନ ନାଗପୁର ରାଜ୍ୟର ଅର୍ଥମନ୍ତ୍ରୀ ଶ୍ରୀଧର ନାରାୟଣ ମୁନ୍‌ସୀ ଏହି ଘାଟ ଓ ରାଜକୀୟ ଅଟ୍ଟାଳିକା ନିର୍ମାଣ କରାଇଥିଲେ ଗଙ୍ଗାକୂଳରେ । ସେତେବେଳେ ଏହାକୁ କୁହାଯାଉଥିଲା ମୁନ୍‌ସୀ ଘାଟ । ୧୯୧୫ ମସିହାରେ ଦରଭଙ୍ଗାର ବ୍ରାହ୍ମଣ ରାଜା ଏହି ଘାଟକୁ କିଣି ଦରଭଙ୍ଗା ଘାଟ ଭାବରେ ବିକଶିତ କଲେ । ଲାଲ ବାଲୁକା ପଥର ଓ ଗ୍ରୀକ୍ ଶୈଳୀର ସ୍ତମ୍ଭରେ ନିର୍ମିତ ହୋଇଥିଲା ଏହି ପ୍ରାସାଦର ବାଲ୍‌କୋନୀ ଓ ବାରଣ୍ଡା । ୧୯୯୪ରେ କ୍ଲାର୍କସ ହୋଟେଲ୍ ଗ୍ରୁପ୍ ଏହାକୁ କିଣି ବ୍ରଜରମା ପ୍ରାସାଦ ଭାବରେ ନାମିତ କଲେ । ଏହି ପ୍ରାସାଦକୁ ପଞ୍ଚ ତାରକା ହୋଟେଲ୍ ଭାବରେ ବିକଶିତ କରିବା ପାଇଁ କିଛି ଭଙ୍ଗାଭଙ୍ଗି କଲେ । ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ କ୍ରମେ ପ୍ରାସାଦ ଭଙ୍ଗାଯିବା ଓ ହୋଟେଲ୍‌କୁ ରୂପାନ୍ତରିତ ହେବା ବନ୍ଦ ହୋଇଛି ।

## ଦଶାଶ୍ୱମେଧ ଘାଟ

ବାରାଣାସୀର ମୁଖ୍ୟ ତଥା ସୁନ୍ଦର ଘାଟ ହେଉଛି ବିଶ୍ୱନାଥ ମନ୍ଦିର ସଂଲଗ୍ନ ଏହି ଘାଟ । ବିଶ୍ୱାସ କରାଯାଏ ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ଶିବଙ୍କୁ ସ୍ୱାଗତ କରିବା ପାଇଁ ଏହି ଘାଟ ସୃଷ୍ଟି କରିଥିଲେ । ଆଉ କେତେକ ବିଶ୍ୱାସ କରନ୍ତି ବ୍ରହ୍ମା ଏଠାରେ ଅଶ୍ୱମେଧ ଯଜ୍ଞ ସମୟରେ ଦଶଟି ଅଶ୍ୱ ବଳି ଦେଥିଲେ । ଘାଟ ନିକଟରେ ଜୟପୁର ମହାରାଜା ସବାଇ ଜୟ ସିଂହଙ୍କ ଦ୍ୱାରା ନିର୍ମିତ ଜନ୍ତରମନ୍ତର ରହିଛି । ପ୍ରତିଦିନ ସଂଧ୍ୟାରେ ଏଠାରେ ଗଙ୍ଗା ଆଳତୀ ଅନୁଷ୍ଠିତ ହୁଏ । ପ୍ରତି ମଙ୍ଗଳବାର ଏଠାରେ ସଙ୍ଗୀତ ପରିବେଷଣ କରାଯାଏ ।

## ଦିଗ୍‌ପଟିଆ ଘାଟ

ଚୌଷଠି ଘାଟର ତଳ ଅଂଶରେ ବେଙ୍ଗଲର ରାଜା ଦିଗ୍‌ପଟିୟାଙ୍କ ଦ୍ୱାରା ୧୮୩୦ ମସିହାରେ ନିର୍ମିତ ହୋଇଥିବା ଏହି ଘାଟ ଦିଗ୍‌ପଟିଆ ଘାଟ ନାମରେ ଖ୍ୟାତ । ଘାଟ ସଂଲଗ୍ନ ପ୍ରାସାଦ ବଙ୍ଗାଳୀ ସ୍ଥାପତ୍ୟ ଶୈଳୀରେ ନିର୍ମିତ । ଘାଟ ସଂଲଗ୍ନ ମନ୍ଦିରରେ କାଳୀ, ଶିବ, ଗଣେଶ ଓ କାର୍ତ୍ତିକେୟଙ୍କ ମୂର୍ତ୍ତି ରହିଛି । ଚୌଷଠି ଯୋଗିନୀଙ୍କ ମଧ୍ୟରୁ ୧୨ଜଣଙ୍କ ମୂର୍ତ୍ତି ଅଛି ବାରାଣାସୀରେ । ସେ ମଧ୍ୟରୁ ଦୁଇଜଣଙ୍କ ମୂର୍ତ୍ତି ଅଛି ଏହି ଘାଟର ପାହାଚରେ । ଚୈତ୍ର କୃଷ୍ଣପକ୍ଷ ଦ୍ୱାଦଶୀରେ ଯୋଗିନୀ ଦର୍ଶନ ଓ ଘାଟରେ ସ୍ନାନ ପାଇଁ ବହୁ ଶ୍ରଦ୍ଧାଳୁ ଆସନ୍ତି । ଏହା ବ୍ୟତୀତ ହୋଲି ସଂଧ୍ୟାରେ ହୋଲିକାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ରୀତିନୀତି ମଧ୍ୟ ଅନୁଷ୍ଠିତ ହୁଏ ଏଠାରେ ।

## ଗଙ୍ଗା ମହଲ ଘାଟ

ବାରାଣାସୀର ଅନ୍ୟତମ ମୁଖ୍ୟ ଘାଟ ଏହା । ୧୮୩୦ ମସିହାରେ ଅସି ଘାଟର ସଂପ୍ରସାରଣ ଭାବରେ ନାରାୟଣ ରାଜବଂଶ ଦ୍ୱାରା ନିର୍ମିତ ହୋଇଥିଲା ଏହା । ଏହାର ମହଲଟି ଏକଦମ୍ ଘାଟ ଉପରେ ଥିବାରୁ ଏହା ଗଙ୍ଗାମହଲ ଘାଟ ଭାବରେ ପ୍ରସିଦ୍ଧ । ଅସି ଘାଟ ଓ ଗଙ୍ଗାମହଲ ଘାଟ ମଧ୍ୟରେ ଥିବା ଉଚ୍ଚ ପାହାଚ ଏହି ଦୁଇ ଘାଟକୁ ଅଲଗା କରୁଛି । ବର୍ତ୍ତମାନ ମହଲଟି ଶୈକ୍ଷିକ ଅନୁଷ୍ଠାନ ପାଇଁ ବ୍ୟବହୃତ ହେଉଛି । ପ୍ରଥମ ମହଲା କାନାଡାର ୱାର୍ଲଡ ଲିଟେରାସୀ ପ୍ରୋଗ୍ରାମର କାର୍ଯ୍ୟାଳୟ ପାଲଟିଥିବା ବେଳେ ତଳମହଲାଟି କାର୍ଲଷ୍ଟାଡ୍ ବିଶ୍ୱବିଦ୍ୟାଳୟର ଇଣ୍ଡୋ–ସ୍ୱିସ୍ ସେଣ୍ଟ ଭାବରେ କାର୍ଯ୍ୟ କରୁଛି ।

## ହରିଶ୍ଚନ୍ଦ୍ର ଘାଟ

ପୁରାଣର ରାଜା ହରିଶ୍ଚନ୍ଦ୍ରଙ୍କ ନାମ ଅନୁଯାୟୀ ହୋଇଛି ହରିଶ୍ଚନ୍ଦ୍ର ଘାଟ । ସତ୍ୟ ରକ୍ଷା ପାଇଁ ସର୍ବସ୍ୱ ଦାନ କରି ସୂର୍ଯ୍ୟବଂଶୀ ରାଜା ହରିଶ୍ଚନ୍ଦ୍ର ଏକଦା ଏଠାରେ ଥିବା ଶ୍ମଶାନରେ ଶ୍ମଶାନ ରକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ସତ୍ୟ ରକ୍ଷାରେ ସନ୍ତୁଷ୍ଟ ହୋଇ ଭଗବାନ ତାଙ୍କୁ ପୁଣିଥରେ ରାଜଗାଦି, ପତ୍ନୀ, ପୁତ୍ର ଫେରାଇଦେଲେ । ବିଶ୍ୱାସ କରାଯାଏ ଏହା କାଶୀର ଆଦି ଶ୍ମଶାନ । ଏଠାରେ ଦାହ ହେଲେ ପୁନର୍ଜନ୍ମରୁ ରକ୍ଷା ମିଳେ । ୧୯୮୦ ଦଶକରୁ ଏଠାରେ ଦାହ ସଂସ୍କାରକୁ ତ୍ୱରିତ କରିବା ପାଇଁ ବୈଦ୍ୟୁତିକ ଶବଦାହ ବ୍ୟବସ୍ଥା କରାଯାଇଛି ।

## ଚେତ୍ ସିଂହ ଘାଟ

୧୭୮୧ ମସିହାରେ ଚେତ୍ ସିଂହ ଓ ୱାରେନ୍ ହାଷ୍ଟିଙ୍ଗ୍‌ଙ୍କ ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧର ସାକ୍ଷୀ ଏହି ଦୁର୍ଗୀକୃତ ଘାଟ । ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ମହାରାଜା ପ୍ରଭୁ ନାରାୟଣ ସିଂହ ଏହି ଦୁର୍ଗ ଓ ଘାଟକୁ ପୁଣିଥରେ ବ୍ରିଟିଶମାନଙ୍କ ହାତରୁ ଛଡ଼ାଇ ନେଇଥିଲେ । ବର୍ତ୍ତମାନ ଏହି ଘାଟ ଚାରିଭାଗରେ ବିଭକ୍ତ ଯଥା– ଚେତ୍ ସିଂହ ଘାଟ, ନିରଞ୍ଜନୀ ଘାଟ, ନିର୍ବାଣୀ ଘାଟ ଓ ଶିବଲା ଘାଟ । ଏଠାରେ ତିନୋଟି ଶିବ ମନ୍ଦିର ଅଛି । ବିଂଶ ଶତାବ୍ଦୀର ପ୍ରଥମ ଭାଗ ପର୍ଯ୍ୟନ୍ତ ଏହା ସାଂସ୍କୃତିକ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଖରସ୍ରୋତ ହେତୁ ଏହି ଘାଟରେ ସ୍ନାନ ପାଇଁ ବାରଣ କରାଯାଏ ।

## ଜୈନ ଘାଟ

ସପ୍ତମ ଜୈନ ତୀର୍ଥଙ୍କର ସୁପାର୍ଶ୍ୱନାଥଙ୍କ ଅନୁଯାୟୀ ଏହି ଘାଟର ନାମ ଜୈନ ଘାଟ ରଖାଯାଇଛି । ସୁପାର୍ଶ୍ୱନାଥ ନିକଟସ୍ଥ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ଏହି ଘାଟର ପାହାଚରେ ଲାଲରଙ୍ଗର ସ୍ୱସ୍ତିକ ଚିହ୍ନ ରହିଛି ।

## ମଣିକର୍ଣ୍ଣିକା ଘାଟ

ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ପରେ ମାତା ସତୀ ନିଜକୁ ଯଜ୍ଞକୁଣ୍ଡରେ ଆହୁତି ଦେଇଥିଲେ ଓ ଶିବ ସତୀଙ୍କ ମୃତଦେହକୁ ଧରି ତାଣ୍ଡବ କରିବାରୁ ବିଷ୍ଣୁ ଚକ୍ରରେ ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଇଥିଲେ । ଶରୀରଟି ୫୧ଖଣ୍ଡ ହୋଇ ହିମାଳୟ କ୍ଷେତ୍ରରେ ପଡ଼ିଥିଲା ସେସବୁ ସ୍ଥାନ ଶକ୍ତି କ୍ଷେତ୍ର ଭାବରେ ଖ୍ୟାତ । ଏହି ସ୍ଥାନରେ ସତୀଙ୍କ ମଣିକାନଫୁଲ ପଡ଼ି ଯାଇଥିଲା ବୋଲି ବିଶ୍ୱାସ କରାଯାଏ । ଏହି ଘାଟରେ କେବେ ଚିତା ଜଳିବା ବନ୍ଦ ହୁଏ ନାହିଁ । ଦିନରେ ୩୦୦ରୁ ଅଧିକ ମୋକ୍ଷକାମୀଙ୍କ ମୃତଦେହ ସଂସ୍କାର କରାଯାଏ ଏଠାରେ । ମୋକ୍ଷ ବିଶ୍ୱାସ ଅନୁଯାୟୀ ଏହା କାଶୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘାଟ ।

## ମାନମନ୍ଦିର ଘାଟ

ରାଜା ମାନ ସିଂହଙ୍କ ଦ୍ୱାରା ଷୋଡଶ ଶତାବ୍ଦିରେ ନିର୍ମିତ ହୋଇଥିଲା ଏହି ଘାଟ । ଏହା ଜନ୍ତରମନ୍ତର ପାଇଁ ଅଧିକ ଖ୍ୟାତ । ଏହି ଘାଟରେ ସ୍ଥୂଳଦନ୍ତ ବିନାୟକ, ରାମେଶ୍ୱର ଓ ସୋମେଶ୍ୱର ମନ୍ଦିର ରହିଛି ।

## ମାନସରୋବର ଘାଟ

ମାନ ମନ୍ଦିର ଘାଟ ପରି ମାନସରୋବର ଘାଟ ମଧ୍ୟ ମହାରାଜା ମାନ ସିଂହଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ୧୫୮୫ ମସିହାରେ । ଏହି ଘାଟ ନିକଟରେ ମାନ ସରୋବର ନାମକ ଜଳକୁଣ୍ଡ ଅଛି । ବିଶ୍ୱାସ କରାଯାଏ ଏହି କୁଣ୍ଡ କୈଳାସର ମାନସରୋବର ସମାନ ଫଳଦାୟୀ । ୧୯୬୨ରେ କୁମାରସ୍ୱାମୀ ମଠ ଏହି ଘାଟର ଉପର ଅଂଶ କିଣି ଯାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ କରିଛନ୍ତି ।

## ନାରଦ ଘାଟ

ଏହି ଘାଟର ପୁରୁଣା ନାମ କୁୱାଇ ଘାଟ । ଏହି ଘାଟରେ ପତି–ପତ୍ନୀ ଏକତ୍ର ସ୍ନାନ କଲେ ପରବର୍ତ୍ତୀ ସମୟରେ ଦାମ୍ପତ୍ୟରେ ଫାଟ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି ।

## ପାଣ୍ଡେ ଘାଟ

ପ୍ରଭାସ ତୀର୍ଥ ନିକଟରେ ଅଛି ଏହି ଘାଟ । କିନ୍ତୁ ଏହି ଘାଟ ମୁଖ୍ୟତଃ ବନାରସରେ ଧୋବାମାନଙ୍କର କର୍ମକ୍ଷେତ୍ର । ତେଣୁ ସାଧାରଣ ଲୋକେ ଏହାକୁ ଧୋବି ଘାଟ କୁହନ୍ତି । ତେବେ ଏଠାରେ ଥିବା ଆଖଡ଼ା ବାବୁ ତଥା ପାଣ୍ଡେ ନାମକ ପହିଲମାନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଓ ଏହା ଏହି ଘାଟର ସବୁଠାରୁ ଜଣାଶୁଣା ସ୍ଥାନ ।

## ରାଜା ଘାଟ

ରାଜିରାଓ ବାଲାଜିଙ୍କ ଦ୍ୱାରା ୧୭୨୦ ମସିହାରେ ଏହି ଘାଟ ସ୍ଥାପିତ ହୋଇଥିଲା । ଘାଟର ଉତ୍ତର ଭାଗରେ ରାଜହମଲ ଓ ଦକ୍ଷିଣ ପାର୍ଶ୍ୱରେ ଅନ୍ନପୂର୍ଣ୍ଣା ମଠ ଅଛି । ମଝିରେ ସିଡି ଏହାକୁ ଦୁଇଭାଗ କରୁଛି । ଏଠାରେ ବ୍ରାହ୍ମଣ, ସଂସ୍କୃତ ଛାତ୍ର ଓ ବିଦ୍ୱାନମାନଙ୍କୁ ଭୋଜନ ଦେବାର ପରମ୍ପରା ରହିଛି ।

## ରାଜେନ୍ଦ୍ର ପ୍ରସାଦ ଘାଟ

ପୂର୍ବେ ଏହା ଦଶାଶ୍ୱମେଧ ଘାଟର ଅଂଶ ଥିଲା । ୧୯୭୯ରେ ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କର ଏଠାରେ ଦାହସଂସ୍କାର କରାଯାଇଥିବାରୁ ଏହି ଅଂଶକୁ ରାଜେନ୍ଦ୍ର ନାରାୟଣ ଘାଟ ଭାବରେ ନାମିତ କରାଗଲା ।

## ସିନ୍ଧିଆ ଘାଟ


ମଣିକର୍ଣ୍ଣିକା ଘାଟର ଦକ୍ଷିଣକୁ ଅଛି ଏହି ଘାଟ । ଏଠାରେ ଥିବା ଶିବମନ୍ଦିର ଗୋଟିଏ ପାର୍ଶ୍ୱକୁ ଢଳି ରହିଛି । ସିନ୍ଧିଆ ରାଜପରିବାର ଦ୍ୱାରା ଏହି ଘାଟର ପୁନରୁଦ୍ଧାର ଓ ପୁନନିର୍ମାଣ କରାଯାଇଛି । ଏହା କାଶୀର ସିଦ୍ଧକ୍ଷେତ୍ର । ଅନେକ ମନ୍ଦିର ରହିଛି ଏହାର ପରିସରରେ । କିମ୍ବଦନ୍ତୀ ଅନୁଯାୟୀ ଅଗ୍ନିଦେବତାଙ୍କ ଜନ୍ମସ୍ଥଳ ଏହା ।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 15th December, 2025 Monday | RNI Regd. No. ODIODI/2009/28880

## ବାବାଙ୍କ ଯୁକ୍ତି

ହେଲ୍‌ଥ



ଟନିକ୍

ଗୋଟିଏ ଆଶ୍ରମରେ ବାବା ତାଙ୍କ ରୁମ୍‌ରେ ଲାଗିଥିବା ଟିଭିରେ ଫେସନ ଶୋ ଦେଖୁଥିଲେ। ଏହି ସମୟରେ ଜଣେ ଭକ୍ତ ସେଠାରେ ପହଞ୍ଚି ବାବାଙ୍କୁ ଫେସନ ଶୋ'ରେ ଯୋଗ ଦେଇଥିବା ସ୍ୱଳ୍ପ ବସ୍ତ୍ରାବୃତ୍ତା ଯୁବତୀମାନଙ୍କୁ ଦେଖୁଥିବାରୁ ପଚାରିଲା- ବାବା, ଆପଣ ଏହିସବୁ ଦୃଶ୍ୟ ଦେଖୁଛନ୍ତି ? ମୋର ବିଶ୍ୱାସ ହେଉନି।

ବାବା ଚଟାପଟ କହିଲେ- ନାଇଁରେ, ତୁ ଯାହା ଭାବୁଛି ସେଇଆ ନୁହେଁ। ମୁଁ ଭଗବାନଙ୍କ ରାଣ ଖାଇ କହୁଛି ଏସବୁ ଦୃଶ୍ୟ ମୁଁ ପାପ ଦୃଷ୍ଟିରେ ଦେଖେ।

## ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନରେ ରବିବାର ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୫୪୮ଜଣ ପର୍ଯ୍ୟଟକ ପ୍ରବେଶ କରି ବୋଟରେ ନଦୀ ମଧ୍ୟରେ ବୁଲି ମଜା ନେଇଥିଲେ। ଖୋଲାରୁ ୮୮ ଟ୍ରିପ ବୋଟରେ ୧୦୩୦ଜଣ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୩ଟ୍ରିପ ବୋଟରେ ୨୦୭ ପର୍ଯ୍ୟଟକ ଓ ଗୁପ୍ତିରୁ ୨୧ଟ୍ରିପ ବୋଟରେ ୨୨୧ ଜଣଙ୍କୁ ମିଶାଇ ମୋଟ ୨୦୦୬ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା। ଭିତରକନିକା ସେଲଫି ପଏଂଟରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲୀ ରହୁଥିବା ପୋଖରୀ ନିକଟରେ ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା। ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା।

# ମଧ୍ୟସ୍ଥତା ମାଧ୍ୟମରେ ମାମଲା ବୋଝ କମାଇବାକୁ ମୁଖ୍ୟ ବିଚାରପତିଙ୍କ ପରାମର୍ଶ

**କଟକ,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ରବିବାର ସ୍ଥାନୀୟ ସହୀଦଭବନରେ ଆୟୋଜିତ ଜାତୀୟସ୍ତରର ଆଲୋଚନାଚକ୍ରରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଯୋଗ ଦେଇଥିଲେ। "ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି" ଶୀର୍ଷକ ବିଷୟବସ୍ତୁକୁ ନେଇ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ। ଉତ୍କଳର ଐତିହ୍ୟ ମହାନ। ସାଂପ୍ରତିକ ପରିସ୍ଥିତିରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଆୟୋଜିତ ଏଭଳି ଏକ ଆଲୋଚନାଚକ୍ରର ବେଶ ଗୁରୁତ୍ୱ ରହିଛି ବୋଲି ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ମତବ୍ୟକ୍ତ କରିଥିଲେ। ମାମଲା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ଖର୍ଚ୍ଚ ବହୁଳ ହେଉଛି। ସାଧାରଣ ଲୋକ ନ୍ୟାୟ ପାଇବା କ୍ଷେତ୍ରରେ ବିଳମ୍ବ ଘଟୁଛି। ତେଣୁ ବିବାଦଗୁଡ଼ିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ହୋଇପାରିଲେ ମାମଲା ସଂଖ୍ୟା ହ୍ରାସ ପାଇ ସାଧାରଣ ଲୋକେ ନ୍ୟାୟ ପାଇପାରିବେ ବୋଲି ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ମତବ୍ୟକ୍ତ କରିଥିଲେ। ଅଦାଲତଗୁଡ଼ିକରେ ମାମଲାର ବୋଝ ଚିନ୍ତାଜନକ ଥିବା କଥା ସୁପ୍ରିମ କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସ୍ୱୀକାର କରିଛନ୍ତି। ମେଡ଼ିଏସନ ବା ମଧ୍ୟସ୍ଥତା ମାଧ୍ୟମରେ ମାମଲା ବୋଝ କମାଇବାକୁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ପରାମର୍ଶ ଦେଇଛନ୍ତି। ଏହା ସହ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକ ବିକଳ୍ପ ହୋଇନପାରେ। ବୈଷୟିକ ଜ୍ଞାନ କୌଶଳ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ, କିନ୍ତୁ ଡିପ ଫେକ୍ ଏବଂ ଡିଜିଟାଲ ଆରେଷ୍ଟ ଭଳି ବାତାବରଣରେ ଏହା ଏତେ ସହାୟକ ହୋଇନପାରେ ବୋଲି ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ମତ ଦେଇଛନ୍ତି।




ଆଲୋଚନାଚକ୍ରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନିଜର ମତ ରଖି କହିଛନ୍ତି, ରିଟ୍ ପିଟିସନ୍ ସଂଖ୍ୟା ବଢ଼ିବାରୁ କେଶ୍ ସଂଖ୍ୟା ବଢୁଛି। ତେଣୁ ଅଦାଲତଗୁଡ଼ିକରେ ମାମଲା ସଂଖ୍ୟା କମାଇବାରେ କାର୍ଯ୍ୟପାଳିକାର ବଡ଼ ଦାୟିତ୍ୱ ରହୁଛି। କାର୍ଯ୍ୟପାଳିକା ପାଖକୁ ଆସୁଥିବା ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ହେଲେ, ସେଗୁଡ଼ିକ ଆଉ ଅଦାଲତକୁ ଆସନ୍ତା ନାହିଁ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ମତ ଦେଇଛନ୍ତି। ମଧ୍ୟସ୍ଥତା ଓ ଅଲଟରନେଟିଭ ଡିସପ୍ୟୁଟ ରିଜୋଲୁଏସନ ବା ଏଡିଆର ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା କ୍ଷେତ୍ରରେ ବିଚାର ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତୀୟ ନ୍ୟାୟପାଳିକା ପ୍ରତି ସାଧାରଣ ଜନତାଙ୍କର ବିଶ୍ୱାସ ରହିବା ଦରକାର। ଏହି କ୍ଷେତ୍ରରେ ବିଚାରପତିମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଅଧିକ ରହିଛି। ଭାରତୀୟ ଗଣତନ୍ତ୍ର ବ୍ୟବସ୍ଥାରେ ବିଚାର ବିଭାଗର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାମଲାଗୁଡ଼ିକ ଯଥାଶିଘ୍ର ଫଏସଲା ପାଇଁ ସବୁ ସ୍ତରରେ ଉଦ୍ୟମ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ବର୍ଷରୁ ଅଧିକ ସମୟ ଧରି ଆଇନବୃତ୍ତିରେ ନିୟୋଜିତ ଥିବା ବରିଷ୍ଠ ଆଇନଜୀବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ସର୍ବଭାରତୀୟ ବିଚାରପତି ବ୍ୟାଡ଼ମିଣ୍ଟନ ଚମ୍ପିଆନସିପ ପ୍ରତିଯୋଗିତାରେ ବିଜେତା ଓ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାର କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷ, ହାଇକୋର୍ଟ ବାର ଆସୋସିଏସନର ସଭାପତି, ଆଡ଼ଭୋକେଟ ଜେନେରାଲଙ୍କ ସମେତ ବରିଷ୍ଠ ଆଇନଜୀବି ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ସାଂସଦଙ୍କ ନେତୃତ୍ୱରେ ବିଜେପିର ସଫେଇ ବୈଠକ

**ରାଜନଗର,୧୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମହୁଲିଆ କଳ୍ପତରୁ ଆଶ୍ରମ (ମଠ) ପରିସରରେ ରାଜନଗର ବ୍ଲକ ବିଜେପି ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ସଫେଇ ବିଜେପି ନେତାମାନେ କରିଥିଲେ। ଏହା ପରେ ମାଟିଆ ମଙ୍ଗଳା ପୀଠରେ ଜରି ମୂଳ ମଣ୍ଡଳର କର୍ମକର୍ତ୍ତା ମାନଙ୍କୁ ନେଇ ଏକ ଟିଫିନ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଶ୍ରୀ ପଣ୍ଡାଙ୍କ ସହ ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ, ସଭାପତି ଶଶାଙ୍କ ସେଠୀ, ପ୍ରାକ୍ତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ସୁନାକର ବେହେରା, ସଞ୍ଜୟ ରଥ, ଲଳିତ କୁମାର ବେହେରା, ରାଜୀବ ଲୋଚନ ନାୟକ, ଅମର ରାଉତଙ୍କ ସହ ଏହି ମଣ୍ଡଳରେ ଥିବା କୋଇଲିପୁର, କୁରୁଣ୍ଟି, ବ୍ରାହ୍ମଣସାହି, ମାମିନା, ଡେରା, ମହୁଲିଆ, ଗନ୍ଦିବାଉଶମୂଳ, ଭିତରଗଡ, କଣ୍ଡିରା ପଞ୍ଚାୟତର ବିଜେପିର ଆଗଧାଡିର ନେତା ଓ କର୍ମୀମାନେ ଯୋଗ ଦେଇ ସାଙ୍ଗଠନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ସାଂସଦ ଶ୍ରୀ ପଣ୍ଡାଙ୍କ ସହ ବିଜେପିର ନେତାମାନେ ବିଜେପି ନେତା ଅଜୟ ବେହେରାଙ୍କ ଘରକୁ ଯାଇ ନିକଟରେ ମୃତ୍ୟୁ ବରଣ କରିଥିବା ତାଙ୍କ ବଡ଼ଭାଇ ଅଭୟ ବେହେରାଙ୍କ ବିୟୋଗରେ ଶୋକ ନକରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ସତ୍ୟ ଓ କ୍ଷମତା...

ଅର୍ଥାତ୍ ସତ୍ୟକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏହି ଦେଶ ସତ୍ୟର। ଏହି ଦେଶର ଲୋକମାନେ ସତ୍ୟକୁ ବୁଝନ୍ତି ଏବଂ ଏଥିପାଇଁ ଲଢ଼ନ୍ତି। କିନ୍ତୁ ସଂଘ ପାଇଁ, ସତ୍ୟ ଅପେକ୍ଷା କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ମୁଁ ଆପଣଙ୍କୁ ଗ୍ୟାରେଣ୍ଟି ଦେଉଛି ଯେ ସତ୍ୟ ସହିତ ଆମେ ନରେନ୍ଦ୍ର ମୋଦୀ, ଅମିତ ଶାହ ଏବଂ ଆରଏସଏସର ସରକାରକୁ କ୍ଷମତାରୁ ହଟାଇବୁ।

ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ସଂସଦରେ ଉତ୍ତର ଦେବା କଥା, କିନ୍ତୁ ସେମାନେ (ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ) ଆମର ପ୍ରଶ୍ନର ଉତ୍ତର ଦେଇନଥିଲେ। ସେମାନେ ନିଜ ମନରୁ ଉତ୍ତର ଦେଇଥିଲେ। ସେମାନେ ସଂସଦରେ ଭୁଲ ସୂଚନା ଦେଇଥିଲେ। ଆମେ ପଚାରିଥିଲୁ ଯେ, କିପରି ଏବଂ କେଉଁ ଉପାୟରେ ଭୋଟ ଚୋରି ହୋଇଛି ଏବଂ ରାହୁଲ ଗାନ୍ଧୀ ପ୍ରମାଣ ସହିତ ଏହା ବିଷୟରେ କହିଥିଲେ। ଆମେ ଲୋକଙ୍କୁ କହିବାକୁ ଚାହୁଁଛୁ ଯେ, ମହାରାଷ୍ଟ୍ର ଏବଂ ହରିୟାଣାରେ କ୍ଷମତାରେ ଥିବା ସରକାର ଭୋଟ ଚୋରି କରି କ୍ଷମତାକୁ ଆସିଛନ୍ତି। ଆଜି କ୍ଷମତାରେ ବସିଥିବା ଲୋକମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇ ନାହାଁନ୍ତି।'

### ବାଲାଟ୍‌ରେ ନିର୍ବାଚନ...

ଥର ପାଇଁ ବିରୋଧୀ କହୁଛନ୍ତି, ନିର୍ବାଚନ କମିଶନଙ୍କ ଉପରେ ଭରସା ନାହିଁ। ନିର୍ବାଚନରେ ପାଦେ ପାଦେ ସନ୍ଦେହ ସୃଷ୍ଟି କରୁଛି ନିର୍ବାଚନ କମିଶନଙ୍କ କାର୍ଯ୍ୟ। ଦେଶର ପ୍ରତି ପ୍ରତିଷ୍ଠାନକୁ ମୋଦୀ ସରକାର ନିଜର ସାମ୍ନାରେ ନୁଆଁଇ ଦେଇଛନ୍ତି ବୋଲି ପ୍ରିୟଙ୍କା ଅଭିଯୋଗ କରିଛନ୍ତି।

ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି କଂଗ୍ରେସ ସାଂସଦ କହିଛନ୍ତି ଯେ, ଦେଶ ଏହି ତିନି ନିର୍ବାଚନ କମିଶନର ଜ୍ଞାନେଶ କୁମାର, ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀଙ୍କ ନାମ କେବେ ଭୁଲିବ ନାହିଁ। ମୋଦୀ ସରକାର ସେମାନଙ୍କୁ ଯେତେ ସୁରକ୍ଷା ଦେବାକୁ ଚେଷ୍ଟା କଲେ ମଧ୍ୟ, ଗୋଟିଏ ଦିନ ସେମାନଙ୍କୁ ଦେଶକୁ ଜବାବ ଦେବାକୁ ପଡିବ। ସେମାନେ ଆମର ଭୋଟ ଦେବାର ଅଧିକାର କିପରି ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ ସେନେଇ ସେମାନେ ଜବାବ ଦେବେ। ଏହି ଲୋକମାନେ କିପରି ଷଡ଼ଯନ୍ତ୍ର କରିଥିଲେ, ସେନେଇ ଦେଶବାସୀଙ୍କୁ କହିବେ।

### ସିଡ୍‌ନୀରେ...

ଶହ ଶହ ଇହୁଦୀ ଲୋକ ଉପସ୍ଥିତ ହୋଇଥିବା ବେଳେ ଭାରତୀୟ ସମୟ ଦିନ ପ୍ରାୟ ୨ଟା ବେଳେ ସେମାନଙ୍କୁ ଲକ୍ଷ୍ୟ କରି ଗୁଳି କରିଥିଲେ ଦୁଇ ବନ୍ଧୁକଧାରୀ।

ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ବନ୍ଧୁକଧାରୀମାନେ ଶିଶୁ ଓ ବୟସ୍କ ଲୋକମାନଙ୍କୁ ଲକ୍ଷ୍ୟ କରି ଗୁଳି କରିଥିଲେ। ପ୍ରାୟ ୫୦ ରାଉଣ୍ଡ ଗୁଳି କରାଯାଇଥିବା ଜଣାପଡିଛି। ଗୁଳିମାଡ ବେଳେ ଲୋକେ ଭୟରେ ଏଣେତେଣେ ଦୌଡି ପଳାଉଥିବାର ତଥା ତଳେ ଶୋଇପଡୁଥିବାର ଭିଡିଓ ସାମ୍ନାକୁ ଆସିଛି। ଏହି ଭିଡିଓଗୁଡିକରୁ ଜଣାପଡିଛି ଯେ ଦୁଇ ବନ୍ଧୁକଧାରୀ କଳା ପୋଷାକ ପିନ୍ଧିଥିଲେ ଓ ଲୋକଙ୍କ ଆଡକୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଏହି ଘଟଣା ପରେ ପୁଲିସ୍ ବୋଣ୍ଡି ବିଚ୍‌କୁ ନଯିବାକୁ ଲୋକଙ୍କୁ ଅପିଲ କରିଛି।

ଏହି ଘଟଣା ଆଶ୍ଚର୍ଯ୍ୟଜନକ ଓ ଚିନ୍ତାଜନକ ବୋଲି କହିଛନ୍ତି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବନିଜ। ଏହା ସହିତ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସେହିଭଳି ଅଷ୍ଟ୍ରେଲିଆର ବିରୋଧୀ ଦଳ ନେତା ସୁଜନ ଲୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସମୁଦ୍ର କୂଳରେ ହନୁକ୍କା (ଚାନୁକ୍କା) ପର୍ବ ପାଳନ କରିବାକୁ ଇହୁଦୀ ସଂପ୍ରଦାୟର ଲୋକେ ଏକାଠି ହୋଇଥିବା ବେଳେ ଏହି ଆକ୍ରମଣ ହୋଇଛି। ଏଭଳି ଏକ ସମୟରେ ଆମେ ସମସ୍ତ ଅଷ୍ଟ୍ରେଲୀୟ ସେମାନଙ୍କ ସହିତ ଅଛୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ଆଲବନିଜଙ୍କୁ ସମାଲୋଚନା କରିଛି ଅଷ୍ଟ୍ରେଲିଆର ଇହୁଦୀ ସଂଗଠନ। ଇହୁଦୀମାନେ ଏବେ ସେମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡିଛନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଇହୁଦୀ ସଂପ୍ରଦାୟକୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛି ବୋଲି ସଂଗଠନ ଅଭିଯୋଗ କରିଛି। ଏହା ସହିତ ପ୍ରଧାନମନ୍ତ୍ରୀ ତାଙ୍କ ସୋଶାଲ ମିଡିଆ ପୋଷ୍ଟରେ ଏହି ଘଟଣା ସଂପର୍କରେ ଲେଖିବା ବେଳେ ଇହୁଦୀମାନଙ୍କ କାର୍ଯ୍ୟକ୍ରମ ଚାଲିଥିଲା ବୋଲି ଉଲ୍ଲେଖ କରି ନଥିବାରୁ କ୍ଷୁବ୍ଧ ହୋଇଛି ସଂଗଠନ। ଏହା ଲଜ୍ଜାଜନକ କଥା ବୋଲି ସଂଗଠନ କହିଛି। ତେବେ ପରବର୍ତ୍ତୀ ସମୟରେ ଆଜି କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅଷ୍ଟ୍ରେଲୀୟ ଇହୁଦୀମାନଙ୍କ ଉପରେ ଆକ୍ରମଣ ସମସ୍ତ ଅଷ୍ଟ୍ରେଲୀୟଙ୍କ ଉପରେ ଆକ୍ରମଣ ସଦୃଶ।

### ୩ୟ ଟି-୨୦...

ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ଦଳକୁ ପ୍ରଥମ ଓଭରରେ ଝଟକା ଦେଇଥିଲେ ଅର୍ଶଦୀପ ସିଂ। ରିଜା ହେଣ୍ଡ୍ରିକ୍ସ ଖାତା ଖୋଲି ପାରି ନ ଥିଲେ। ପୁଣି କ୍ୱିଣ୍ଟନ ଡିକକ(୧) ପାଭିଲିୟନ ଫେରିଥିଲେ। ୭ ରନ ସ୍କୋରରେ ଡିୱାଲ୍ଡ ବ୍ରେଭିସ(୨) ହର୍ଷିତ ରାଣାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଗୋଟିଏ ପଟେ ଅଧିନାୟକ ଆଡନ ମାର୍କରାମ ମୋର୍ଚ୍ଚା ସମ୍ଭାଳିଥିବା ବେଳେ ଅନ୍ୟପଟେ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କ ମୁକାବିଲା କରି ପାରିନଥିଲେ।

ଟ୍ରିଷ୍ଟନ ଷ୍ଟବ୍ସ ୯ ରନ, କୋର୍ବିନ ବୋଶ ୪ ରନ କରି ନିରାଶ କରିଥିଲେ। ଡୋନଭାନ ଫେରେରା ୨୦ ରନ କରିବା ସହ ଦୁଇ ଅଙ୍କ ଛୁଇଁ ପାରି ଥିଲେ। ମାର୍କୋ ଜନସେନ ୨ ରନ ଏବଂ ଓଟନିଲ ବାର୍ଟମ୍ୟାନ ୧ ରନ କରି ପାଭିଲିୟନ ଫେରିଥିଲେ। ଅଦିନାୟକ ଆଡନ ମାରକ୍ରମ ୪୬ ବଲରୁ ୬୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏଥିରେ ୬ ଚୌକା ଓ ୨ ଛକା ସାମିଲ୍। ଶେଷରେ ଭ୍ରମଣକାରୀ ଦଳ ୧୧୭ ରନ କରି ପାରିଛି। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ ସିଂ ୪ ଓଭରରେ ମାତ୍ର ୧୩ ରନ ଦେଇ ୨ଟି ୱିକେଟ୍ ନେଇଛନ୍ତି। ବରୁଣ ଚକ୍ରବର୍ତ୍ତୀ ୧୧ ରନ ଦେଇ ୨ଟି, କୁଲଦୀପ ଯାଦବ ୧୨ ରନ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ହର୍ଷିତ ରାଣା ୩୪ ରନ ଦେଇ ୨ଟି ୱିକେଟ୍ ନେଇଛନ୍ତି। ହାର୍ଦ୍ଦିକ ଓ ଦୁବେ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି।

### ରାତି ଅଧରେ...

ଶାସନ ସଚିବ ବିଶ୍ୱନାଥ ଆଚାର୍ଯ୍ୟ, ଅଧ୍ୟାପକ ଡ. ପ୍ରଭାକର ମଲ୍ଲିକ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଡ. ବାସୁଦେବ ଦାସ, ବିଶ୍ୱଜିତ ଦାସ, ଶରତ କୁମାର ସିଂହ, ଡ. ବିଦ୍ୟୁଭୂଷଣ ଦାସ, ଡ. ରଶ୍ମୀ କର ଓ ଦୈତାରୀ ସେଠୀଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ କଲେଜ ଜମିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଅଥଚ ଶୀତ ରାତିର ବିଳମ୍ବିତ ମୁହୂର୍ତ୍ତରେ ଏତାଦୃଶ ଜବର ଦଖଲ ଉଦ୍ୟମ ସମସ୍ତଙ୍କୁ ହତଚକିତ କରିଦେଇଛି। ଆମ ପୂର୍ବସୂରୀଙ୍କ ତ୍ୟାଗ ଓ ସଙ୍କଳ୍ପ ଭିତ୍ତିରେ ଏହି କଲେଜ ବିଶ୍ୱବିଦ୍ୟାଳୟ ହେବାର ସ୍ୱପ୍ନ ଦେଖୁଥିବା ବେଳେ ତା'ର କିଣା ଜମି ଏପରି ଭାବରେ ସୁରକ୍ଷିତ ହୋଇ ନପାରିବା ବିଡମ୍ବନାର କଥା। ଛୁଟିଦିନ ଶୀତ ରାତିର ନିରୋଳା ମୁହୂର୍ତ୍ତରେ ଏପରି ଚଞ୍ଚକତା ଭବିଷ୍ୟତରେ ଯେପରି ଏଭଳି କରିବାକୁ ଆଉ କେହି ସାହସ ନକରନ୍ତୁ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

### ନୀତିନ ନବୀନ...

ନବୀନ ନିର୍ବାଚନ ରାଜନୀତିରେ ପ୍ରବେଶ କରିଥିଲେ। ନୀତିନ ପାଟନାର ବାଙ୍କୀପୁର ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଛନ୍ତି। ବିହାରରେ ସେ ଦଳର ଜଣେ ବଡ ନେତା। ଏଯାବତ ସେ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୬ରେ ଉପନିର୍ବାଚନରେ ବିଜୟୀ ହୋଇ ସେ ପ୍ରଥମେ ବିଧାନସଭାକୁ ଯାଇଥିଲେ। ସେତେବେଳେ ସେ ପାଟନା ୱେଷ୍ଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ। ଏହି ଆସନରୁ ତାଙ୍କ ବାପା ନବୀନ କିଶୋର ପ୍ରସାଦ ସିହ୍ନା ୧୯୯୫, ୨୦୦୦ ଓ ୨୦୦୫ ନିର୍ବାଚନ ଜିତିଥିଲେ। ତାଙ୍କ ମୃତ୍ୟୁ ପରେ ୨୦୦୬ରେ ଏହି ଆସନରେ ହୋଇଥିବା ଉପନିର୍ବାଚନରେ ଜିତିଥିଲେ ନୀତିନ ନବୀନ। ୨୦୦୮ରେ ପାଟନା ୱେଷ୍ଟ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଭାଙ୍ଗି ବାଙ୍କୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥିଲା। ଏହି ଆସନରୁ ଲଗାତାର ୪ଥର ହେଲାଣି ବିଜୟୀ ହୋଇଆସୁଛନ୍ତି ନୀତିନ। ଚଳିତ ବର୍ଷ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନରେ ସେ ବାଙ୍କୀପୁର ଆସନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫୧ ହଜାର ଭୋଟରେ ପରାସ୍ତ କରିଥିଲେ।

ବିଜେପି ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ସହିତ ଅନ୍ୟାନ୍ୟ ଶୀର୍ଷ ପଦପଦବୀରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଥିବା ବେଳେ ଆଜି ନୀତିନ ନବୀନଙ୍କୁ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛି। ଜେପି ନଡ୍ଡା ଏବେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଛନ୍ତି। ୨୦୨୦ ଜାନୁଆରୀ ମାସରେ ସେ ଏହି ପଦ ଗ୍ରହଣ କରିଥିଲେ। ଯା ଭିତରେ ତାଙ୍କ କାର୍ଯ୍ୟକାଳକୁ ଏକାଧିକ ଥର ବୃଦ୍ଧି କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ସହିତ ତା'ପୂର୍ବରୁ ଅନ୍ୟାନ୍ୟ ନିର୍ବାଚନ ଯୋଗୁ ଦଳ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଥିଲା।




Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**